

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୨୪ ଫେବୃଆରୀ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 FEBRUARY 2025

Vol.No. 36 ■ No.53 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ପ୍ରକାଶ ପାଇଲା....

ନୂଆବର୍ଷ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net

ପ୍ରୟାଗ ରାଜ୍ ତ୍ରିବେଣୀ ସଙ୍ଗମରେ ସ୍ନାନ କଲେ ମୁଖ୍ୟମନ୍ତ୍ରୀ

■ ପୂଜା, ଗଙ୍ଗା ଆରତି କଲେ, ସମସ୍ତଙ୍କ ସୁଖ, ଶାନ୍ତି, ସମୃଦ୍ଧି ପାଇଁ ପ୍ରାର୍ଥନା କଲେ

■ ବିଶ୍ୱାସ, ପରମ୍ପରା, ଦିବ୍ୟତ୍ୱର ମହାନ୍ ସଙ୍ଗମ ହେଉଛି ତ୍ରିବେଣୀ ସଙ୍ଗମ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩ /୦୨(ନି.ପ୍ର) ମହାକୁମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ପ୍ରୟାଗ ରାଜ୍ ତ୍ରିବେଣୀ ସଙ୍ଗମ ସ୍ଥଳରେ ସ୍ନାନ କରିଛନ୍ତି। ଏହା ସହିତ ପୂଜା ଓ ଆରତି ମଧ୍ୟ କରିଛନ୍ତି। ଏହି ଅବସରରେ ଗଣ ମାଧ୍ୟମ ଆଗରେ ନିଜର ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ପ୍ରୟାଗ ରାଜ୍ ତ୍ରିବେଣୀ ସଂଗମରେ ସ୍ନାନ କରିବା ଏକ ଅତ୍ୟନ୍ତ ଆଧ୍ୟାତ୍ମିକ ଅନୁଭବ। ଏହା କେବଳ ଗଙ୍ଗା, ଯମୁନା, ସରସ୍ୱତୀ ର ସଙ୍ଗମ ସ୍ଥଳ ନୁହେଁ, ଏହା ହେଉଛି ବିଶ୍ୱାସ, ପରମ୍ପରା ଓ ଦିବ୍ୟତ୍ୱର ସଙ୍ଗମ ସ୍ଥଳ ବୋଲି ସେ କହିଛନ୍ତି। ଏହି ଅବସରରେ ପ୍ରାର୍ଥନା କରି ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଭାରତର ଆତ୍ମିକ ଉତ୍ତରଣରେ ପ୍ରଧାନମନ୍ତ୍ରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ଦୂରଦୃଷ୍ଟି ଓ ମହାନ୍ ଦୃଷ୍ଟିକୋଣ ଯୋଗୁ ଦେଶର ଛୋଟ ଛୋଟ ଗାଁ ରୁ ବଡ଼ ବଡ଼ ସହର ପର୍ଯ୍ୟନ୍ତ ସମସ୍ତେ ଭାରତୀୟତାର ମହାନ୍ ଅନୁଭବରେ ଉଦବୁଦ୍ଧ ହୋଇଛନ୍ତି। ତାଙ୍କ ପ୍ରେରଣାରେ ଦେଶ ଓ ରାଜ୍ୟର ସେବା କରିବା ପାଇଁ ସୁଯୋଗ ମିଳିଥିବାରୁ ସେ ଅତ୍ୟନ୍ତ ଆନନ୍ଦିତ ବୋଲି ମତ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସହିତ ଫୋନ ଯୋଗେ କଥା ହୋଇ ଏଭଳି ସୁନ୍ଦର ଆୟୋଜନ ପାଇଁ ଧନ୍ୟବାଦ୍ ଦେଇଥିଲେ। ଉତ୍ତର ପ୍ରଦେଶର ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ସତିଶ ଶର୍ମାଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଦେଇଛନ୍ତି। ଶ୍ରୀ ଶର୍ମା ପ୍ରୟାଗ ରାଜ୍ ବିମାନ ବନ୍ଦର ଠାରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ଏବଂ ପବିତ୍ର ବୁଡ଼ ଓ ପୂଜା ସମୟରେ ତାଙ୍କ ସହିତ ରହିଥିଲେ।

ଆଗାମୀ ୨୪ ଘଂଟା ପାଇଁ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ: ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୩/୦୨ : (ନି.ପ୍ର) ଆଗାମୀ ୨ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ସ୍ଥାନରେ ବର୍ଷା ସାଙ୍ଗକୁ କୋହଲା ପାଗ ଅନୁଭୂତ ହେବ । ସେହିପରି କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଆଗାମୀ ୨୪ ଘଂଟା ପାଇଁ ୩ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ଢେଙ୍କାନାଳ, କଟକ, ଅନୁଗୁଳ, ଗଞ୍ଜାମ, ଗଜପତି । ଏସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ। ତେବେ ଫେବୃଆରୀ ୨୫ ତାରିଖ ସକାଳ ଠାରୁ ମାର୍ଚ୍ଚ ୨ ତାରିଖ ସକାଳ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି । ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍‌ରୁ ଏହି ସୂଚନା ମିଳିଛି ।

ଚଣ୍ଡୀଗଡ଼- ଶିମଳା ରାସ୍ତାରେ କାର୍ ଦୁର୍ଘଟଣା : ୪ ମୃତ

ଚଣ୍ଡୀଗଡ଼, ୨୩/୨:- ଚଣ୍ଡୀଗଡ଼- ଶିମଳା ରାସ୍ତାର ପଂଚକୁଲା ନିକଟରେ ରବିବାର ସକାଳେ ଘଟିଯାଇଥିବା ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣ ସାଙ୍ଗଙ୍କ ମୃତ୍ୟୁ ଘଟିଛି । ମୃତକ ମାନଙ୍କ ମଧ୍ୟରେ ଦୁଇ ଜଣ ପଂଚକୁଲାର ନାବାଳକ ଅଟନ୍ତି । ଏଥିସହ ଜଣେ ହିସାର ଏବଂ ଅନ୍ୟ ଜଣେ ମୋହାଲି ଅଂଚଳର ଅଟନ୍ତି । ପଂଚକୁଲା ପୋଲିସର ସୂଚନା ଅନୁଯାୟୀ, ଦୁଇଟି କାର୍‌ରେ ୭ ଜଣ ବନ୍ଧୁ ରବିବାର ସକାଳେ ପରବାଣୁରୁ ପଂଚକୁଲା ଅଭିମୁଖେ ଆସୁଥିଲେ । ଦୁର୍ଘଟଣାଗ୍ରସ୍ତ କାର୍‌ରେ ୪ ଜଣ ଯାଉଥିବା ବେଳେ ପଛରେ ଆସୁଥିବା ଅନ୍ୟ ଏକ କାର୍ ରେ ୩ ଜଣ ବନ୍ଧୁ ଥିଲେ । ଆଗରେ ଆସୁଥିବା କାର୍ ଟି ଚଣ୍ଡୀଗଡ଼- ଶିମଳା ରାଜପଥରେ ପହଂଚିବା ପରେ ସେତିକିବେଳେ ସୋଲନ - ଶିମଳା ବାଇପାସ୍‌ରେ ଏହାର ବାମ ପାର୍ଶ୍ୱ ଚକର ଟାୟାର ହଠାତ୍ ଫାଟି ଯାଇଥିଲା । ଫଳରେ ବ୍ରେକ୍ ଫେଲ୍ ହୋଇ କାର୍ ଟି ଭାରସାମ୍ୟ ହରାଇ ହାଇୱେ ପାର୍ଶ୍ୱରେ ଲାଗିଥିବା ଆଙ୍ଗେଲରେ ଧକ୍କା ହୋଇଥିଲା । ଏହାପରେ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍ ପଛରେ ପଶିଯାଇଥିଲା । ଦୁର୍ଘଟଣାରେ କାର୍ ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିଲା । ଏହି ଶବ୍ଦ ଶୁଣି ଆଖପାଖରେ ଥିବା ଲୋକମାନେ ଘଟଣାସ୍ଥଳରେ ପହଂଚି ଥିଲେ । ତେବେ ଆଖପାଖରେ ଥିବା ଲୋକ ଓ ପୋଲିସ ଘଟଣାସ୍ଥଳରେ ପହଂଚିବା ବେଳକୁ କାର୍ ରେ ଥିବା ୪ ଜଣଙ୍କ ମୃତ୍ୟୁ ହୋଇସାରିଥିଲା । ମୃତକ ମାନଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲକୁ ପଠାଇଛି ପୋଲିସ ।

ହିମାଚଳ ପ୍ରଦେଶରେ ଭୂକମ୍ପର ଝଟକା

ଶିମଳା, ୨୩/୨: ହିମାଚଳ ପ୍ରଦେଶରେ ପୁଣି ଥରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ରବିବାର ସକାଳେ ମଣ୍ଡୀ ଜିଲ୍ଲାରେ ଭୂକମ୍ପର ସାମାନ୍ୟ ଝଟକା ଅନୁଭୂତ ହୋଇଛି ଯାହା କିଛି ସମୟ ପାଇଁ ଲୋକମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି।ପାଣିପାଗ ବିଜ୍ଞାନ କେନ୍ଦ୍ର ଶିମଳାଅନୁସାରେ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୩.୭ ମାପ କରାଯାଇଛି ଏବଂ ଏହାର କେନ୍ଦ୍ରମଣ୍ଡୀ ଜିଲ୍ଲାରେ ୩୧.୪୮ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୭୬.୯୫ ଡିଗ୍ରୀ ପୂର୍ବ ଦ୍ରାଘିମାରେ ଅବସ୍ଥିତ ଥିଲା। ଭୂକମ୍ପର ଝଟକା ସକାଳ ୮ଟା ୪୨ ମିନିଟ ସମୟରେ ଘଟିଥିଲା ଏବଂ କିଛି ସେକେଣ୍ଡ ପର୍ଯ୍ୟନ୍ତ ଅନୁଭବ କରାଯାଇଥିଲା।ଏହାର କେନ୍ଦ୍ର ମଣ୍ଡୀର ଭୂମି ପୃଷ୍ଠରୁ ୭ କିଲୋମିଟର ତଳେ ଥିଲା।ତେବେ ଏହାର ତୀବ୍ରତା କମ ହେବା କାରଣରୁ ଜୀବନ କିମ୍ବା ସମ୍ପତ୍ତି ନଷ୍ଟ ହେବାର କୌଣସି ସୁଚନା ନାହିଁ। ମଣ୍ଡୀ ଜିଲ୍ଲାରସଟେ ଅଂଚଳରେ ମଧ୍ୟ ଝଟକା ଅନୁଭବ କରାଯାଇଛି କିନ୍ତୁ କେଉଁଠାରେ କୌଣସି ପ୍ରକାର କ୍ଷତିର ରିପୋର୍ଟ ମିଳିନାହିଁ।

ତେଲେଙ୍ଗାନାର ଶ୍ରୀଶୈଳମ ସୁଡଙ୍ଗରେ ଫସିରହିଥିବା ୮ଜଣଙ୍କୁ ସୁରକ୍ଷିତ ବାହାର କରିବା ଅଭିଯାନ ଜାରି

ନୂଆଦିଲ୍ଲୀ, ୨୩/୨: ତେଲେଙ୍ଗାନାର ନାଗରକୁରନୁଲ ଜିଲ୍ଲାର ଶନିବାର ସକାଳେ ଏସଏଲବିସି ଟନେଲ ପ୍ରକଳ୍ପର ଗୋଟିଏ ଭାଗ ଭୁଶୁଡିପଡିଛି । ଫଳରେ ୮ଜଣ ଶ୍ରମିକ ଫସିରହିଛନ୍ତି । ଶ୍ରମିକଙ୍କୁ ବାହାରକୁ କାଢିବା ପାଇଁ ରେସକ୍ୟୁ ଅପରେସନ ରବିବାର ବି ଜାରି ରହିଛି । ଏସଡିଆରଏଫ ଓ ଏନଡିଆରଏଫର ଟିମକୁ ସୁଡଙ୍ଗର ଭୁଶୁଡିପଡିଥିବା ଭାଗରେ ପହଂଚିବା ପାଇଁ ଅନେକ ଚ୍ୟାଲେଂଜର ସାମ୍ନା କରିବାକୁ ପଡୁଛି । ତେଲେଙ୍ଗାନାର ଜଳସେଚନ ମନ୍ତ୍ରୀ ଏନ.ଉତମ କୁମାର ରେଡ୍ଡୀଙ୍କ ମୁତାବକ ରାଜ୍ୟ ସରକାର ବିଶେଷଜ୍ଞଙ୍କ ସହାୟତା ନେଇଛନ୍ତି । ଗତବର୍ଷ ଉତରାଖଣ୍ଡରେ ଏଭଳି ଘଟଣାରେ ଫସିଥିବା ଶ୍ରମିକଙ୍କୁ ଉଦ୍ଧାର କରିଥିବା ଲୋକ ବି ସାମିଲ ଅଛନ୍ତି । ଫସିରହିଥିବା ଲୋକଙ୍କ ମଧ୍ୟରେ ଦୁଇ ଇଂଜିନିୟର ଓ ଦୁଇଜଣ ଅପରେଟର ଅଛନ୍ତି । ଅନ୍ୟ ୪ଜଣ ଶ୍ରମିକ ବି ଅଛନ୍ତି । ଏମାନେ ସମସ୍ତେ ଉତର ପ୍ରଦେଶ, ଝାରଖଣ୍ଡ, ପଂଜାବ ଓ ଜମ୍ମୁକଶ୍ମୀରର ବାସିନ୍ଦା । ଘଟଣାର କିଛି ଘଂଟା ପରେ କାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି । ପ୍ରଧାନମନ୍ତ୍ରୀ ରେସକ୍ୟୁ କାର୍ଯ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂପୂର୍ଣ୍ଣ ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି ।

ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ୫୦ ଦେଶର ଡେଲିଗେଟସଙ୍କ ସହିତ ବାରାଣସୀରେ ପହଂଚିଲେ

ବାରାଣସୀ, ୨୩/୨: ବୈଦେଶିକ ମନ୍ତ୍ରୀ ଡଃ. ଏସ. ଜୟଶଙ୍କର ୫୦ ଦେଶର ଡେଲିଗେଟସଙ୍କ ସହିତ ରବିବାର ବାରାଣସୀରେ ପହଂଚିଥିଲେ । ବାବତପୁର ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଆନ୍ତର୍ଜାତିକ ବିମାନ ବନ୍ଦରରେ ବୈଦେଶିକ ମନ୍ତ୍ରୀ ଏବଂ ରାଜଦୂତମାନଙ୍କ ମଣ୍ଡଳାୟୁକ୍ତ କୌଶଳରାଜ ଶର୍ମା, ଜିଲ୍ଲା ଅଧିକାରୀ ଏସ. ରାଜଲିଙ୍ଗମ ସମେତ ଭାଜପାର ପଦାଧିକାରୀମାନେ ଏବଂ ଜନପ୍ରତିନିଧି ମାନେ ଏମାନଙ୍କୁ ସ୍ୱାଗତ କରିଥିଲେ । ବିମାନବନ୍ଦରରୁ କଡ଼ା ସୁରକ୍ଷା ମଧ୍ୟରେ ବୈଦେଶିକ ମନ୍ତ୍ରୀ ଏବଂ ଡେଲିଗେଟସ୍ କାଶୀ ହିନ୍ଦୁ ବିଶ୍ୱବିଦ୍ୟାଳୟ(ବିଏଚୟୁ) ପରିସର ସ୍ଥିତ ଓଁକାର ନାଥ ଠାକୁର ସଭାଗାରରେ ଆୟୋଜିତ କାଶୀ ତମିଲ ସଙ୍ଗମମର ତୃତୀୟ ସଂସ୍କରଣରେ ସାମିଲ୍ ହୋଇଥିଲେ । ସଭାଗାରରେ ବୈଦେଶିକ ମନ୍ତ୍ରୀ ଓ ରାଜଦୂତ ଆଇଆଇଟି ବିଏଚୟୁର ଛାତ୍ରମାନେ ଏବଂ ଶିକ୍ଷକ ମାନଙ୍କୁ ମଧ୍ୟ ସମ୍ବୋଧନ କରିବେ ।

▶▶ପୃଷ୍ଠା ୭

ମନ୍ କୀ ବାତରେ ମେଦବହୁଳକୁ ନେଇ ଚିନ୍ତା କଲେ ପିଏମ ମୋଦି: ଖାଦ୍ୟରେ ତେଲ ଦଶ ପ୍ରତିଶତ କମ୍ କରିବାକୁ ଆହ୍ୱାନ

ନୂଆଦିଲ୍ଲୀ, ୨୩/୨: ମନ୍ କୀ ବାତରେ ମେଦବହୁଳକୁ ନେଇ ଚିନ୍ତା କରିଛନ୍ତି ପିଏମ ମୋଦି ।ସେ କହିଛନ୍ତି ଯେ, ଡେରାଡୁନରେ ରାଷ୍ଟ୍ରୀୟ କ୍ରୀଡ଼ାର ଉଦ୍ଘାଟନ ଅବସରରେ ମୁଁ ଏକ ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଉଠାଇଥିଲି, ଯାହା ଦେଶରେ ଏକ ନୂଆ ଚର୍ଚ୍ଚା ଆରମ୍ଭ କରିଛି । ଏହି ବିଷୟଟି ହେଉଛି 'ଓବେସିଟି' ବା ମେଦବହୁଳତା । ଏକ ଫିଟ୍ ଓ ସୁସ୍ଥ ଦେଶ ହେବାପାଇଁ ଆମକୁ ମେଦବହୁଳତା ସମସ୍ୟାକୁ ଦୂର କରିବାକୁ ହେବ । ଏକ ଅନୁଧ୍ୟାନ ଅନୁଯାୟୀ ଆଜି ପ୍ରତ୍ୟେକ ଆଠ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ମେଦବହୁଳତାର ସମସ୍ୟା ଭୋଗୁଛନ୍ତି । ବିଗତ ବର୍ଷଗୁଡ଼ିକରେ ମେଦବହୁଳତାର ମାମଲା ଦୁଇଗୁଣ ହୋଇଯାଇଛି, କିନ୍ତୁ ଏହାଠାରୁ ମଧ୍ୟ ଅଧିକ ଚିନ୍ତାର କଥା ହେଲା ପିଲାଙ୍କ ଭିତରେ ବି ମେଦବହୁଳତା ସମସ୍ୟା ଚାରିଗୁଣ ବଢ଼ିଯାଇଛି । ଡବ୍ଲ୍ୟୁଏଚ୍ଓର ତଥ୍ୟ କହୁଛି ଯେ ୨୦୨୨ରେ ସମଗ୍ର ପୃଥିବୀରେ ପ୍ରାୟ ଅଢ଼େଇ ଶହ କୋଟି ଲୋକ ଅଧିକ ଓଜନର ଥିଲେ, ଅର୍ଥାତ ସେମାନଙ୍କର ଆବଶ୍ୟକତାଠୁ ବହୁତ ଅଧିକ ଓଜନ ଥିଲା । ଏହି ପରିସଂଖ୍ୟାନ ଅତ୍ୟନ୍ତ ଚିନ୍ତାଜନକ ଓ ଆମ ସମସ୍ତଙ୍କୁ ଭାବିବାକୁ ବାଧ୍ୟ କରୁଛି ଯେ ଅନ୍ତତଃ ଏପରି ହେଉଛି କାହିଁକି ? ଅଧିକ ଓଜନ ବା ମେଦ ବହୁଳତା ଅନେକ ପ୍ରକାରର ଅସୁବିଧାକୁ, ରୋଗକୁ ମଧ୍ୟ ଜନ୍ମ ଦେଇଥାଏ । ଆମେ ସମସ୍ତେ ମିଶି ଛୋଟ ଛୋଟ ପ୍ରୟାସ ଦ୍ୱାରା ଏହି ଆହ୍ୱାନର ମୁକାବିଲା କରିପାରିବା, ଯେଉଁଭଳି ମୁଁ ଗୋଟିଏ ଉପାୟ କହିଥିଲି "ଖାଦ୍ୟରେ ତେଲ ଦଶ ପ୍ରତିଶତ କମ୍ କରିବା'' । ଆପଣ ସ୍ଥିର କରିନିଅନ୍ତୁ ଯେ ପ୍ରତ୍ୟେକ ମାସରେ ଦଶ ପ୍ରତିଶତ ତେଲ କମ୍ ବ୍ୟବହାର କରିବେ । ତେଲ କିଣିବା ସମୟରେ ଏବେ ଦଶ ପ୍ରତିଶତ କମ୍ ହିଁ କିଣିବେ । ଏହା ମେଦହୁଳତା କମ୍ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ଖାଦ୍ୟରେ ତେଲର କମ୍ ବ୍ୟବହାର ଏବଂ ମେଦବହୁଳତା

▶▶ପୃଷ୍ଠା ୭

ବାଲେଶ୍ୱର ଲେଖିକା ସଂସଦର ବାର୍ଷିକ ଅଧିବେଶନ ଅନୁଷ୍ଠିତ

ବାଲେଶ୍ୱର, ୨୩/୦୨ : (ନି.ପ୍ର) ଆଜି ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଓଡ଼ିଶା ଲେଖିକା ସଂସଦ ବାଲେଶ୍ୱର ଶାଖାରେ ବାର୍ଷିକ ଅଧିବେଶନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଶିଷ୍ଟ ଲେଖିକା ତଥା ଓଡିଶା ଲେଖିକା ସଂସଦର ନବ ନିର୍ବାଚିତ ସଭାପତି ଡ. ଶକୁନ୍ତଳା ବଳିୟାର ସିଂହ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଥମେ କବୀ ସତ୍ୟଭାମା ମୁଦୁଲି ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବାବେଳେ ଅନିତା ରଥ, ତାନଶ୍ରୀ ପାଣିଗ୍ରାହୀ ଓ ଅର୍ଚ୍ଚନା ରଥ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରିଥିଲେ । କୁନି ନୃତ୍ୟଶିଳ୍ପୀ ସୁହାନି ସାଇ ଜେନା ନୃତ୍ୟ ମାଧ୍ୟମରେ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ଲେଖିକା ସଂସଦର ଆବାହିକା ଡ. ସିନ୍ଧୁ ସେନ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅଧିବେଶନରେ ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଡ. ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଶାରଳା ପୁରସ୍କାର ବିଜୟିନୀ ବିଶିଷ୍ଟ କଥାଶିଳ୍ପୀ ସରୋଜିନୀ ସାହୁ, ଗୋଲାପ ମଂଜରୀ କର ଓ ଶ୍ରୀମତୀ କାନନବାଳା ପଟ୍ଟନାୟକ ଯୋଗ ଦେଇଥିଲେ । ଏହି ଉତ୍ସବରେ 'ଓଡ଼ିଆ ସାହିତ୍ୟରେ ନାରୀ ସ୍ୱର' ଶିରାନାମାରେ ଏକ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ ଶ୍ରୀମତୀ ସୈରିନ୍ଧ୍ରୀ ସାହୁ । ଅତିଥିମାନେ ଭାଷଣରେ କହିଥିଲେ ଯେ ନାରୀ

▶▶ପୃଷ୍ଠା ୭

ପଶ୍ଚିମବଙ୍ଗ: ନିୟନ୍ତ୍ରଣ ହରାଇ ଦୋକାନ ଭିତରକୁ ପଶିଗଲା ଯାତ୍ରୀବାହୀ ବସ୍ : ୪ ମୃତ, ଅନେକ ଆହତ

କୋଲକାତା, ୨୩/୨: ଉତ୍ତର ୨୪ ପରଗନା ଜିଲ୍ଲାର ମିନାଖାଁରେ ଶନିବାର ରାତିରେ ଦ୍ରୁତ ଗତି ବସ ନିୟନ୍ତ୍ରଣ ହରାଇ ରସ୍ତା କଡରେ ଅବସ୍ଥିତ ଏକ ଦୋକାନରେ ପ୍ରବେଶ କରିଛି । ଯେଉଁଥିପାଇଁ ୪ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି।ଏହି ଦୁର୍ଘଟଣାରେ ଅତିକମରେ ୨୨ଜଣ ଆହତ ହୋଇଛନ୍ତି ,ସେମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଉଛି।ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ ଏହି ବସ ମାଳଂଚରୁ କୋଲକାତା ଅଭିମୁଖେ ଯାଉଥିଲା।ଘଟଣା ବାସନ୍ତୀ ହାଇୱେର ଜୟଗାଓଁ ଅଂଚଳରେ ଘଟିଥିଲା ଯେତେବେଳେ ସାମ୍ନାରୁ ଆସୁଥିବା ଅନ୍ୟ ଏକ ଗାଡି ସହ ଧକ୍କା ନ ହେବାକୁ ଚେଷ୍ଟା କରୁଥିବାବେଳେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲା।ବସ ସିଧା ଚା ଦୋକାନକୁ ଯାଇ ପିଟି ହୋଇଥିଲା ଯେଉଁଥିପାଇଁ ଦୋକାନ ସମ୍ପୂର୍ଣ୍ଣଭାବେ କ୍ଷତିଗ୍ରସ୍ତ ହୋଇଛି।ଦୋକାନରେ ଉପସ୍ଥିତ ୮ ଜଣ ଏହା ଦ୍ୱାରା ପ୍ରଭାବିତ ହୋଇଥିଲେ।ଯେଉଁଥିପାଇଁ ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ବସରେ ଯାତ୍ରା କରୁଥିବା ଲୋକଙ୍କ ସମେତ ଅତିକମରେ ୨୨ଜଣ ଆହତ ହୋଇଛନ୍ତି।ପୋଲିସ ସ୍ଥାନୀୟ ଲୋକଙ୍କ ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହତମାନଙ୍କୁ ମିନାଖାଁ ଡାକ୍ତରଖାନା ନେଇଥିଲା।ଗୁରୁତର ଲୋକଙ୍କୁ କୋଲକାତାର ବଡ ଡାକ୍ତରଖାନାରେ ପଠାଯାଇଛି।

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ

ସୁବର୍ଣ୍ଣପୁର, ୨୩/୨ (ନି.ପ୍ର):- ବିନିକା ବ୍ଲକ ଅନ୍ତର୍ଗତ ସେଲେଡି ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଝାରପଡା ମାତୃବିହାରର ୧୫ତମ ବାର୍ଷିକ ଉତ୍ସବ ଶ୍ରୀମା ଙ୍କ ୧୪୭ ତମ ଜନ୍ମ ଦିନରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିନିକା ତହସିଲଦାର ସିତାରାମ ଭୋଇ ଯୋଗଦେଇ ଛାତ୍ର ଛାତ୍ରୀମାନଙ୍କୁ ସୁସ୍ଥ ପରିବେଶ ଓ ସୁସ୍ଥ ସମାଜ ଗଠନ ପାଇଁ ନୀତିବାନ ହେବାକୁ ପରାମର୍ଶ ଦେଇଥିଲେ ଓ ଏଥିରେ ଓଡିଶାର ଜଣାଶୁଣା କଣ୍ଠଶିଳ୍ପୀ ଡ଼. ଅର୍ଚନା ପାଢ଼ୀ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ମହାଦେବ ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ନିମନ୍ତେ ବାର୍ଷିକ ଉତ୍ସବର ଆବଶ୍ୟକତା ଓ ଶ୍ରୀମା କିଏ ସେ ବିଷୟରେ ମତପୋଷଣ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟୀର ସମ୍ପାଦକ ତଥା ମ୍ୟାନେଜିଙ୍ଗ ଟ୍ରଷ୍ଟି ଶାଶ୍ୱତ କୁମାର ତ୍ରିପାଠୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନ ର ସଭାପତି ମଧୁମିତା ପରମଗୁରୁ ସମସ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ବିଦ୍ୟାଳୟର ଉପାଧକ୍ଷ୍ୟ ଦ୍ୱତରଙ୍ଗିନୀ ସଙ୍ଗୁଆ ଧନ୍ୟବାଦ ଜ୍ଞାପନ କରିଥିଲେ। ହିମାଂଶୁ ପଣ୍ଡା, କିଣୁ ଜଗଦଲା, ସିମାଞ୍ଜଳି ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କିଣୁ ଜଗଦଲା ଙ୍କ ଦ୍ୱାରା ଲିଖିତ ତଥା ଅରୁଣା ଓ ଅଙ୍କିତା ଅପାଙ୍କ ଦ୍ୱାରା ନିର୍ଦ୍ଦେଶିତ ନାଟକ କାହାକେ କହେମି ପହେଲା ଗୁରୁ ଅନୁଷ୍ଠିତ ହୋଇଥିଲା । ପରେ ଲିଟିଲ ଝଙ୍କରଙ୍କୁ ବେଷ୍ଟ ଷ୍ଟୁଡେଂଟ ଅଫ ଦ ଇଅର ପ୍ରଦାନ କରାଗଲା। ଅର୍ଚନାଙ୍କ ଗୀତର ତାଳେ ତାଳେ ଝୁମି ଉଠିଥିଲେ ଛାତ୍ର ଛାତ୍ରୀ । ଆଜିକ୍ଷା, ଅରୁଣା, ସ୍ମୃତି, ଇତି ଅପା ପୁରସ୍କାର ବିତରଣରେ ସାହାଯ୍ୟ କରିଥିବା ବେଳେ ସ୍ୱପ୍ନା, ଗେଲ, ସରିତା, ମହଲା, ସନ୍ତୋଷିନୀ, ମମତା, ଅନିତା ଅପା, ଚିତ, କମଳ ଓ ବିଶ୍ୱଙ୍କ ସହ ସେଲେଡି ଝାରପଡା ଗ୍ରାମର ଅନେକ ଗ୍ରାମବାସୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ । ବିଦ୍ୟାଳୟ ପରିଚାଳନା କଳା ଶିକ୍ଷକ ବେଦବର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ମିଜୋରାମ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ପିଏମ ମୋଦି

ନୂଆଦିଲ୍ଲୀ, ୨୩/୨: ମିଜୋରାମ ମୁଖ୍ୟମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସୋସିଆଲ ହ୍ୟାଣ୍ଡେଲ ଏକ୍ସରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ମିଜୋରାମ ମୁଖ୍ୟମନ୍ତ୍ରୀ ପୁ ଲାଲଦୁହୋମାଙ୍କୁ ଜନ୍ମଦିନର ଶୁଭେଚ୍ଛା । ତାଙ୍କ ସୁଦୀର୍ଘ ଓ ସୁସ୍ଥ ଜୀବନ କାମନା କରୁଛି ।

ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶାସ୍ତ୍ରୀ ନଗର ପକ୍ଷରୁ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିରର ଆୟୋଜନ

ବଲାଙ୍ଗିର, ୨୩/୨ (ନି.ପ୍ର): ଆଜି ବଲାଙ୍ଗିର ଶାସ୍ତ୍ରୀ ନଗର, ଆୟୁସ୍ମାନ ଆରୋଗ୍ୟ ମନ୍ଦିର ଆନୁକୂଲ୍ୟରେ ସ୍ଥାନୀୟ ଶାସ୍ତ୍ରୀ ନଗର ପାଠାଗାର ମଧ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସାଧାରଣ ସ୍ୱାସ୍ଥ ଯାଂଚ୍ ଓ ଶିବିରର ଆୟୋଜନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଯୋଗ ଓ ପ୍ରାଣାୟାମ ପାଇଁ ପରାମର୍ଶ, ମାଗଣା ଔଷଧ ବଂଟନ, ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଇତ୍ୟାଦି ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ସ୍ୱାସ୍ଥ୍ୟ ନୁଷ୍ଠାନ ର ମେଡିକାଲ ଅଫିସର ଡ଼ା. ସତ୍ୟ ନାରାୟଣ ସାହୁ, ପିଜିଓଥାରାପିଷ୍ଟ ଇପ୍ସିତା ମହାନ୍ତି, ଫାର୍ମାସିଷ୍ଟ ରୋନି ବଗର୍ତି, ଲେବ ଟେକନିସିଆନ ନିକୁଞ୍ଜ ବିହାରୀ,ଷ୍ଟାଫ ନର୍ସ ଦିବି ମାମି ସିଂଦେଓ, ମୋନିକା ନନ୍ଦ, ସଂଯୋଜକ ଖୁସିରାମ ସୁନା ଇତ୍ୟାଦି ସ୍ୱାସ୍ଥ୍ୟ ଶିବିର କୁ ପରିଚାଳନା କରିଥିଲେ। ଜିଲ୍ଲା ଜାତୀୟ ସ୍ୱାସ୍ଥ୍ୟ ମିଶନ ର ଅତିରିକ୍ତ ମ୍ୟାନେଜର, ଏ. ପି ଏମ ରାମାନୁଜ ପଣ୍ଡା ବରିଷ୍ଠ ନାଗରିକ ଙ୍କୁ ସମାଜର ପ୍ରତିଟି ସ୍ତରରେ ଓ କ୍ଷେତ୍ରରେ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ, ସେ କହିଲେ ଯେ ବରିଷ୍ଠ ନାଗରିକ ଆମ ସମାଜର ଗୁରୁତ୍ୱପୂର୍ଣ ଅଙ୍ଗ ଓ ପଥପ୍ରଦର୍ଶକ, ସେମାନଙ୍କ ସୁରକ୍ଷା ତଥା ସୁସ୍ଥ ଓ ନିରାମୟ ଜୀବନ ଆମ ସମାଜ ନିମନ୍ତେ ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହି ଶିବିରର ସଠିକ୍ ପରିଚାଳନା ପାଇଁ ନେସନାଲ ପିସ୍ ୟୁନିସନ ର ନିର୍ଦ୍ଦେଶକ ଓ ଚେୟାରମ୍ୟାନ ସତ୍ୟ ରଞ୍ଜନ ମିଶ୍ର ଓ ରବି ରଞ୍ଜନ ପୁଜାରୀ ସଭିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଆଗାମୀ ୨୪ ଘଂଟା ପର୍ଯ୍ୟନ୍ତ ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ, ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଆଗାମୀ ତିନି ଦିନ ରାଜ୍ୟର କେତେକ ସ୍ଥାନରେ ବର୍ଷା ଓ କୋହଲା ପାଗ ଅନୁଭୂତ ହେବ। ତେବେ ଫେବୃଆରୀ ୨୫ ତାରିଖ ସକାଳ ଠାରୁ ମାର୍ଚ୍ଚ ୧ ତାରିଖ ସକାଳ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡିକରେ ପାଗ ମୁଖ୍ୟତଃ ଶୁଖିଲା ରହିବ । ସେହିପରି ଆଗାମୀ ତିନି ଦିନ ମଧ୍ୟରେ କେତେକ ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଆଗାମୀ ୨୪ ଘଂଟା ପାଇଁ ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ଢ଼େଙ୍କାନାଳ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା । ଏସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ଜଗତସିଂହପୁର, ପୁରୀ, କଟକ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ଅନୁଗୁଳ, ଦେବଗଡ଼, ସମ୍ବଲପୁର । ଏସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ସେହିପରି ୨୩ ତାରିଖ ସକାଳ ଠାରୁ ୨୪ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ହେଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର । ଏସବୁ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଦୁଇ ଜିଲ୍ଲା ଗଞ୍ଜାମ, ଗଜପତି । ଏଠାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ଅନୁରୂପ ଭାବେ ୨୪ ତାରିଖ ସକାଳ ଠାରୁ ୨୫ ତାରିଖ ସକାଳ ପର୍ଯ୍ୟନ୍ତ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ୨ ଜିଲ୍ଲା ମୟୂରଭଞ୍ଜ ଓ ବାଲେଶ୍ୱରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ତେବେ ୨୫ ତାରିଖ ସକାଳ ଠାରୁ ୨୭ ତାରିଖ ସକାଳ ପର୍ଯ୍ୟନ୍ତ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଓଡ଼ିଶାର ଜିଲ୍ଲା ଗୁଡିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ଓଡିଶା ସୂଚନା ଅଧିକାର ଅଭିଯାନ ବଲାଙ୍ଗିର ଶାଖାର ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବଲାଙ୍ଗିର, ୨୩/୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଓଡିଶା ସୂଚନା ଅଭିଯାନ ଶାଖା ତରଫରୁ ରାଜେନ୍ଦ୍ର କଲେଜ ଛକ ପାଖରେ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଆନ୍ତଃ ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଅଭିଯାନ ଆନୁକୂଲ୍ୟରେ ୨ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ହୋଇଯାଇଛି । ଆଦିନ ଦିବା ୧୧ଟା ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦିପ ପ୍ରଧାନ, ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା ଗୋଲାମୁଣ୍ଡା ବ୍ଲକ ଚେୟାରମେନ ବିନ୍ଦୁ ମହାନନ୍ଦ, ବରିଷ୍ଠ ସୂଚନା ଅଧିକାର କର୍ମୀ ତଥା ହାଇକୋର୍ଟ ଓକିଲ ମନୋରଞ୍ଜନ ଜେନା, ମୁଖ୍ୟବକ୍ତା ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟର ପ୍ରଫେସର ମନୋଜ ନାଗ, ପରିଚାଳନା କରିଥିଲେ ବରିଷ୍ଠ ସୂଚନା ଅଧିକାର କର୍ମ ନିଳମଣି ଯୋଷୀ । ଅନ୍ୟ ସୂଚନା କର୍ମୀ ଶଙ୍କର ପାଣିଗ୍ରାହୀ, ଶିବ ପ୍ରସାଦ ସାହୁ, ପ୍ରମୋଦ କୁମାର ବେହେରା, ବିରଂଚି ବହିଦାର, ଜୟ ବିହାରୀ ବିଶ୍ୱାଲ, ସତ୍ୟ ବନଛୋର, କାଳିନ୍ଦ୍ରି ମାଝି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଲ, ସାମୁଏଲ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବନଛୋର, ତ୍ର୍ୟମ୍ବକ ବାରିକ, ଗୋପବନ୍ଧୁ ଛତ୍ରିଆ, ସରୋଜ ମେଶ୍ୱା, ନରେଶ ବାଗ, ଆନନ୍ଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ରାଜନୀତି ବିଜ୍ଞାନ ଛାତ୍ର ଛାତ୍ରୀ ଅନେକ ସଂଖ୍ୟକ ଯୋଗଦେଇ ସଭାକୁ ଆହୁରି ଗୌରାବାନ୍ୱିତ କରିଥିଲେ । ଛାତ୍ର ଛାତ୍ରୀମାନଙ୍କୁ ସୂଚନା ଅଭିଯାନ ତରଫରୁ ଆଇନର କାର୍ଯ୍ୟକାରିତା ଉପରେ ବିଭିନ୍ନ ଧାରା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା । ଆସନ୍ତା ୨୩ ତାରିଖରେ ଏହି ଶିବିର ପୁଣି ଚାଲୁରହିବ । ଆଇନର ବିଭିନ୍ନ ଧାରା ଗୁଡିକର କାର୍ଯ୍ୟକାରିତା ଉପରେ ତର୍ଜମା କରାଯିବ ।

ପ୍ରୟାଗରାଜ ମହାକୁମ୍ଭକୁ ଯାଉଥିବା ଏକ୍ସୟୁବି କାର୍ ଓଲଟିଲା ୨ ମୃତ, ୪ ଗୁରୁତର

କୋଣ୍ଡାଗାଂବ, , ୨୩/୨ (ହି.ସ.)- କୋଣ୍ଡାଗାଂବ ଜିଲ୍ଲାର ଫରସଗାଂବ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୩୦ ର ବୋରଗାଂବ ଏବଂ ଫରସଗାଂବ ମଧ୍ୟରେ ରହିଥିବା ଏକ ବଡ ବୁଲାଣି ନିକଟରେ ଶନିବାର ସକାଳ ପ୍ରାୟ ୬ଟା ସମୟରେ ଏହି ଦୁର୍ଘଟଣା ଘଟିଛି । ଏକ୍ସୟୁବି କାର୍ ଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା । ଫଳରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଗୁରୁତର ହୋଇଛନ୍ତି । ପୋଲିସ ସୂଚନା ମୁତାବକ, ଗୀତା ଶେଖର (୪୯) ଏବଂ ସନ୍ତୋଷ ରେଡ୍ଡୀ (୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଏସ. ସୁଷମା (୩୮), ବିଶାଲ ରେଡ୍ଡୀ (୧୦), ଏସ ଶୋଭା (୩୯) ଏବଂ ଚାଳକ ରବି ତେଜା (୩୫) ଗୁରୁତର ଭାବେ ଆହତ ହୋଇଛନ୍ତି । ମୃତାହତ ମାନେ ସମସ୍ତେ ଗୋଟିଏ ପରିବାରର ସଦସ୍ୟ ଥିଲେ।

ବାଙ୍ଗାଲୁରୁରେ ରହୁଥିବା ଏକ ପରିବାର ପ୍ରୟାଗରାଜ ମହାକୁମ୍ଭକୁ ଯାଉଥିଲେ । ହେଲେ ବାଟରେ ତାଙ୍କ କାର୍ ଏକ ପୋଲରେ ଧକ୍କା ହୋଇ ଓଲଟି ପଡିଥିଲା । ପୋଲିସ ସହାୟତାରେ ଆହତ ମାନଙ୍କୁ ଉଦ୍ଧାର କରାଯାଇ ଫରସଗାଂବ ହସ୍ପିଟାଲରେ ଭର୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୪ ଗୁରୁତରଙ୍କୁ ରାୟପୁର ସ୍ଥାନାନ୍ତରିତ କରାଯାଇଛି ।

ଯୁବ ଅଧ୍ୟାପକଙ୍କ ଅକାଳ ବିୟୋଗ

ବଲାଙ୍ଗୀର, ୨୩/୨ (ନି.ପ୍ର): – ବଲାଙ୍ଗୀର ଜିଲ୍ଲା ଜରାସିଂହା ସାଶ୍ୱତ ଡିଗ୍ରୀ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରୀତିଶ ରଞ୍ଜନ ମିଶ୍ର(ଚିନ୍ଟୁ)ଙ୍କ ୩୭ ବର୍ଷ ବୟସରେ ଅକାଳ ବିୟୋଗ ହୋଇଛି। ସେ ଦୀର୍ଘଦିନ ହେଲା ଚିକିତ୍ସାଧିନ ଥିଲେ। ଶ୍ରୀ ମିଶ୍ର ଜଣେ ଆଧ୍ୟାତ୍ମନିଷ୍ଠ, ମିଷ୍ଟଭାଷି, ମେଳାପି ତଥା ଛାତ୍ରବତ୍ସଳ ବ୍ୟକ୍ତି ଥିଲେ। ସେ ବଲାଙ୍ଗୀର ସୁଦପଡ଼ା ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ମିଶ୍ର ଓ ନିରୁପମା ମିଶ୍ରଙ୍କ କନିଷ୍ଠ ପୁତ୍ର ଥିଲେ।

ମହାକୁମ୍ଭରେ ଆସନ୍ତାକାଲି ଶଙ୍କରାଚାର୍ଯ୍ୟ ବିଜୟେନ୍ଦ୍ର ସରସ୍ୱତୀଙ୍କ ଆଗମନ

ମହାକୁମ୍ଭ ନଗର ୨୨ ଫେବୃଆରୀ (ହି.ସ)-ଶ୍ରୀ କାଂଚୀ କାମକୋଟି ପୀଠରେ ପୀଠାଧୀଶ୍ୱର ଏବଂ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶଙ୍କର ବିଜୟେନ୍ଦ୍ର ମହାକୁମ୍ଭ ପହଁଂଚିବେ। ଶଙ୍କରାଚାର୍ଯ୍ୟ ଦକ୍ଷିଣ ଭାରତରୁ ଆସିଥିବା ବୈଦିକ ବିଦ୍ୱାନଙ୍କ ସହ ସଙ୍ଗମରେ ବୁଡ ପକାଇବେଏବଂ ମା ଗଙ୍ଗାଙ୍କ ପୁଜାର୍ଚ୍ଚନା କରିବେ। ଏହି ସୂଚନା କାଂଚୀ କାମକୋଟି ପୀଠର ପ୍ରତିନିଧି ବି.ଏସ.ସୁବ୍ରମଣ୍ୟମ ମଣି ଦେଇଛନ୍ତି। ବି.ଏସ.ସୁବ୍ରମଣୟମ ମଣି ହିନ୍ଦୁସ୍ଥାନ ସମାଚାରକୁ କହିଛନ୍ତି ଯେ ମହାକୁମ୍ଭ ମେଳା ଅଂଚଳର ସେକ୍ଟର ୨୦ରେ କାଂଚୀ ପୀଠର ଶିବିର ଲାଗିଛି।ସେଠାରେ ଶଙ୍କରାଚାର୍ଯ୍ୟ ବିଜୟେନ୍ଦ୍ର ସରସ୍ୱତୀଙ୍କ ପ୍ରାକାଟ୍ୟ ମହୋତ୍ସବ ଚାଲିଛି।ଏହି ମହୋତ୍ସବରେ ମାନବ କଲ୍ୟାଣ ଏବଂ ବିଶ୍ୱ ଶାନ୍ତି ପାଇଁ ଅନେକ ପ୍ରକାର ଅନୁଷ୍ଠାନ ଚାଲିଛି।୨୩ ଫେବୃଆରୀରେ ହେବାକୁ ଥିବା ଅନୁଷ୍ଠାନରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶଙ୍କର ବିଜୟେନ୍ଦ୍ର ସରସ୍ୱତୀ ମଧ୍ୟ ସାମିଲ ହେବେ।

ରାଉରକେଲା ରେଡ ଦଳକୁ ଟ୍ରାଇ ବ୍ରେକରରେ ୪-୩ ଗୋଲରେ ହରାଇ ସୋନପୁର ରାମଧୂନ କ୍ଲବ ଦ୍ୱିତୀୟ ସେମିରେ ପ୍ରବେଶ

ସୁବର୍ଣ୍ଣପୁର, ୨୩/୨ (ନି.ପ୍ର): ୧୬ ତମ ରାମଧୁନ କପ ସର୍ବ ଭାରତୀୟ ଫୁଟବଲ ଚାମ୍ପିୟନ ସିପ -୨୦୨୫ ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମ ସୁବର୍ଣ୍ଣପୁର ଠାରେ ଗତକାଲି ପୁଲ ବି ର ଦ୍ୱିତୀୟ ମ୍ୟାଚ ରାଉରକେଲା ଦଳ ଓ ଆୟୋଜକ ସୋନପୁର ରାମ ଧୂନ୍ କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ଶେଷ ଯାଏ ଖେଳ ସଂଘର୍ଷ ପୂର୍ଣ୍ଣ ହୋଇଥିବା ବେଳେ ରାଉର କେଲା ରେଡ ଦଳ କୁ ଟ୍ରାଇ ବ୍ରେକର ରେ ୪-୩ ଗୋଲ୍ ହରାଇ ସୋନପୁର ରାମ ଧୂନ୍ କ୍ଲବ୍ ଦଳ ଟୁର୍ଣ୍ଣାମେଣ୍ଟ ର ଦ୍ୱିତୀୟ ସେମି ଫାଇନାଲ କୁ ପ୍ରବେଶ କରିଛି । ମୁଖ୍ୟ ଅତିଥି ଭାବରେ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ ଓ ସମ୍ମାନିତ ଅତିଥି ଭାବରେ ଚିଫ୍ ସି ଏସ ଓ ଶ୍ରୀ ନିରଜ୍ ରଞ୍ଜନ ଦାଶ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ଚିତ୍ତ ରଞ୍ଜନ ମିଶ୍ର, ବିଦ୍ୟା ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ର ମାର୍କେଟିଂ ମ୍ୟାନେଜର ଶ୍ରୀ ସୁବଳ ସାହୁ, ଧମା କଲେଜ ପି ଇ ଟି ରାମ କୁମାର ସାହୁ ଯୋଗ ଦେଇ ଖେଳ କୁ ଉଦଘାଟନ କରି ଖେଳାଳୀ ଓ ଆୟୋଜକ ଙ୍କୁ ଉତ୍ସାହିତ କରିଥିଲେ । ନିମନ୍ତ୍ରିତ ଅତିଥି ଭାବରେ ଘରୋଇ ବସ ସଂଘ ଜିଲ୍ଲା ସଭାପତି ଦୀପକ ମହାପାତ୍ର, ସମ୍ପାଦକ ସୁଦର୍ଶନ ପଣ୍ଡା, ପୌର ପରିଷଦ କାଉନସିଲର ଗଙ୍ଗା ତରିଆ, ସୁକାନ୍ତ ସାହୁ, ପି .ରାଜ କିଶୋର ରାଓ, ଭାଗ ରଥି ମିଶ୍ର, ପୋଲିସ କନେଷ୍ଟ ବଲ୍ ସଂଘ ପ୍ରାକ୍ତନ ସଭାପତି କୁମୁଦ ରଞ୍ଜନ ସାହୁ, ରାମ ଧୂନ୍ କ୍ଲବ ଦଳ ର ଫ୍ରାଂଚାଇଜ୍ +୨ ଅଦିତି କଲେଜ ଅଧ୍ୟକ୍ଷ ନିଶାନ୍ତ ମହାନ୍ତି ଓ ରାଉରକେଲା ରେଡ ଦଳ ର ଫ୍ରାଂଚାଇଜ୍ ସାରଦା ଟେକ୍ ଆଇ ଟି ଟ୍ରେନିଂ ସେଂଟର୍ ଡାଇରେକ୍ଟର ମାଧବ ମହଲା, ଭେଟରାନ ଫୁଟବଲ୍ ଖେଳାଳୀ ଗୋବିନ୍ଦ ଦାସ ତରିଆ, ପଦ୍ମନାଭ ଧରୁଆ, ରିଆଜ ମହମ୍ମଦ, ଯୋଗ ଦେଇ କୃତୀ ଓ ମ୍ୟାନ ଅଫ ଦି ମ୍ୟାଚ୍ ଖେଳାଳୀ ରାମ ଧୂନ୍ କ୍ଲବ୍ ର ସୁନିଲ ବାଘ ଙ୍କୁ ପୁରସ୍କୃତ କରିଥିଲେ । ଆଜିର ଖେଳ କୁ ମୁଖ୍ୟ ରେଫରୀ ଭାବେ ଜିତେନ୍ଦ୍ର ଥନାପତି ଖେଳ ପରିଚାଳନା କରିଥିବା ବେଳେ ଫୋର୍ଥ ଅଫିସିଆଲ୍ ସଞ୍ଜୀବ ସାହୁ, , ପି ଇ ଟି ସୁଜିତ୍ ରାଜହଂସ, ସଂଜନ କୁଦେଇ ସହଯୋଗ କରିଥିଲେ । ଦିଗାମ୍ବର ଶତପଥୀ ଓ ମନୋରଞ୍ଜନ ତ୍ରୀପାଠୀ ଖେଳ ର ପ୍ରତ୍ୟକ୍ଷ ଧାରା ବ

ମହିଳାଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ ଶୁଖିଲା ନଡ଼ିଆ : ଆର୍ଥ୍ରାଇଟିସ ସମସ୍ୟାରୁ ମିଳିଥାଏ ମୁକ୍ତି

ଶୁଖିଲା ନଡ଼ିଆ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭକାରୀ ହୋଇଥାଏ । ଶୁଖିଲା ନଡ଼ିଆରେ ଭିଟାମିନ,ପ୍ରୋଟିନ, ଆଇରନ, ସେଲେନିଅମ ଆଦି ପୋଷକ ତତ୍ୱ ଭରପୁର ମାତ୍ରାରେ ରହିଥାଏ । ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ । ଶୁଖିଲା ନଡ଼ିଆ ମହିଳାଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ । ଏହା ରକ୍ତ ଅଭାବ ପୁରାଣ କରିଥାଏ । ତେଣୁ ମହିଳା ତାଙ୍କ ଭୋଜନ ରେ ଶୁଖିଲା ନଡ଼ିଆ ଜରୁର ସାମିଲ କରିବା ଉଚିତ । ଶୁଖିଲା ନଡ଼ିଆରେ ଆହୁରି ଅନେକ ଫାଇଦା ରହିଛି । ଆସନ୍ତୁ ଜାଣିବା ସେସବୁ କଣ । ଅଧିକାଂଶ ମହିଳାଙ୍କ ଠାରେ ଆର୍ଥ୍ରାଇଟିସ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ରକ୍ତ ହୀନତା ଦେଖାଯାଏ । ରକ୍ତ ହୀନତା ଦୂର କରିବା ପାଇଁ ଶୁଖିଲା ନଡ଼ିଆ ସେବନ ମହିଳାଙ୍କ ପାଇଁ ହୋଇଥାଏ ଲାଭକାରୀ । କାରଣ ଶୁଖିଲା ନଡ଼ିଆରେ ପ୍ରଚୁର ଆଇରନ ରହିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଏଥିରେ ଥିବା ଫ୍ୟାଟି ଏସିଡ ଶିଶୁ ବିକାଶରେ ସହାୟକ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ୟୁରିନ ସଂକ୍ରମଣ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ ।

ବୈବାହିକ ଜୀବନରେ ଖୁସି ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ

ତେବେ ପୁରୁଷମାନେ ନିଜ ଯୌନଶକ୍ତି ବଢ଼ାଇବା ପାଇଁ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାରର ମେଡ଼ିସିନ ଖାଇବାକୁ ମନସ୍ତ କରନ୍ତି ଯାହା ତାଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ । କିନ୍ତୁ ଆଜି ଆମେ ଆପଣଙ୍କୁ କିଛି ଏଭଳି ଘରୋଇ ଟିପ୍ସ କହିବାକୁ ଯାଉଛୁ ଯାହାର ବ୍ୟବହାର ଦ୍ୱାରା ପୁରୁଷଙ୍କ ଯୌନ ଶକ୍ତି ବୃଦ୍ଧି ପାଇବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ। ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଟିପ୍ସ ବିଷୟରେ ।

କଦଳୀ : କଦଳୀ ହେଉଛି ଏକ ପ୍ରୋଟିନର ଉତ୍ସ । କଦଳୀରେ ପ୍ରଚୁର ପରିମାଣରେ ପୋଟାସିୟମ୍ ରହିଥାଏ । ଯେଉଁ କାରଣରୁ କଦଳୀ ଖାଇବା ଦ୍ୱାରା ନିମ୍ନ ରକ୍ତଚାପ ଠିକ୍ ରହିଥାଏ । ଆଉ ଯୌନ ଅଙ୍ଗଗୁଡ଼ିକର ସଠିକ୍ କାର୍ଯ୍ୟ ପାଇଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ । ଏହି କାରଣରୁ, ଜଣେ ବ୍ୟକ୍ତି ସମ୍ପର୍କ ସ୍ଥାପନ କଲାବେଳେ ଶୀଘ୍ର କ୍ଳାନ୍ତ ହୁଏ ନାହିଁ ଏବଂ ଉତ୍ସାହ ପୂର୍ବ ଅପେକ୍ଷା ଅଧିକ ବଢ଼ିଥାଏ ।

ରସୁଣ-ପିଆଜ : ଘରେ କିଛି ଖାଦ୍ୟ ପ୍ରସ୍ତୁତ ତିଆରି କରିବା ପାଇଁ ରସୁଣ-ପିଆଜ ବ୍ୟବହାର କରିବା ଏକ ସାଧାରଣ କଥା । କିନ୍ତୁ ବହୁତ କମ୍ ଲୋକ ଜାଣିଥିବେ ଯେ ଏହି ଦୁଇଟି ଜିନିଷର ଜବରଦସ୍ତ ଗୁଣ ରହିଛି । ଆଉ ସେଗୁଡିକ ଖାଇବା ଦ୍ୱାରା ପୁରୁଷମାନଙ୍କ ମଧ୍ୟରେ ଯୌନ ଶକ୍ତି ବଢିଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା : ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଉଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ୍ୟ ବହୁତ ବୃଦ୍ଧି ପାଇଥାଏ ।

ଗୋଲମରିଚ ଏବଂ କଞ୍ଚା ଲଙ୍କା : ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହି କଥା ସମସ୍ତଙ୍କୁ ଜଣା । କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଉଥାଏ । ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ୍ୟ ବହୁତ ବୃଦ୍ଧି ପାଇଥାଏ ।

ସୂର୍ଯ୍ୟ କିରଣ : ଯୌନ ଶକ୍ତି ଟିପ୍ସ ବୃଦ୍ଧି କରିବାକୁ, ପ୍ରତିଦିନ ସୂର୍ଯ୍ୟ କିରଣ ଗ୍ରହଣ କରିବା ଭଲ ବୋଲି କୁହାଯାଇଛି । ଏହା କରିବା ଦ୍ୱାରା ଆମ ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ କମିଯାଏ, ଯେଉଁ କାରଣରୁ ଯୌନ ସମ୍ପର୍କ ରଖିବା ସମୟରେ କୌଣସି ଅସୁବିଧା ହୁଏନାହିଁ ।

ପ୍ରେମର ମୂହୂର୍ତ୍ତରେ ବିଫଳତାକୁ ଏଡାଇବା ପାଇଁ ଟେନସନକୁ ଆପଣଙ୍କ ଜୀବନଠାରୁ ଦୂରରେ ରଖନ୍ତୁ । ଏଥିପାଇଁ ସକାଳ କିମ୍ବା ସନ୍ଧ୍ୟାରେ ଚାଲିବାର ଅଭ୍ୟାସ କରନ୍ତୁ । ବ୍ୟାୟାମ କରିବା ସହିତ ପ୍ରତିଦିନ ଯୋଗ ଧ୍ୟାନ କରନ୍ତୁ । କେବଳ ଏତିକି ନୁହେଁ ଆପଣଙ୍କ ସାଥୀଙ୍କ ସହିତ ମଧ୍ୟ ଛୋଟ ଛୋଟ ଟ୍ରିପ ଯୋଜନା କରନ୍ତୁ ଯାହା ଦ୍ୱାରା ଆପଣଙ୍କ ମାନସିକ ସ୍ଥିତି ଠିକ ରହିବ ଏବଂ ଆପଣ ଦାମ୍ପତ୍ୟ ଜୀବନରେ କୌଣସି ବିଫଳତା ଦେଖା ଯିବନାହିଁ ।

୩ ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା କମିଥାଏ କ୍ୟାନ୍ସର ରୋଗର ଆଶଙ୍କା

ରକ୍ତ ଦାନ କରି ଆପଣ ଅନେକ ଜୀବନ ରକ୍ଷା କରିପାରିବେ । କିନ୍ତୁ ଆଜି ବି ଭାରତର କିଛି ଲୋକମାନେ ରକ୍ତ ଦାନ କରିବାକୁ ଭୟ କରୁଛନ୍ତି । ସେମାନେ ଅନୁଭବ କରନ୍ତି ଯେ ରକ୍ତ ଦେବା ପରେ ଶରୀର ଦୁର୍ବଳ ହୋଇଯାଏ । ଯେତେବେଳେ ଏପରି କିଛି ହୋଇଥାଏ । ରକ୍ତ ଦାନ ଶରୀରକୁ ସୁସ୍ଥ ରଖେ ଏବଂ ଅନେକ ରୋଗ କୁ ଦୂର କରେ । ହୃଦୟ ପାଇଁ ରକ୍ତ ଦାନ କରିବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ ।ରକ୍ତ ଦାନ ଓଜନକୁ ନିୟନ୍ତ୍ରଣରେ ରଖେ । ଏହା କର୍କଟ ଭଳି ବିପଜ୍ଜନକ ରୋଗର ଆଶଙ୍କା ମଧ୍ୟ ହ୍ରାସ କରିଥାଏ । ରକ୍ତଦାନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି । ସେଥିପାଇଁ ଲୋକମାନେ ରକ୍ତ ଦାନ କରିବାକୁ ଭୟ କରନ୍ତି । ଆସନ୍ତୁ ଜାଣିବା ରକ୍ତ ଦାନର ଲାଭ କ'ଣ ଏବଂ କେତେ ଦିନ ମଧ୍ୟରେ ଜଣେ ସୁସ୍ଥ ବ୍ୟକ୍ତି ରକ୍ତ ଦାନ କରିପାରିବ ।

ରକ୍ତ ଦାନ କରିବାର ଲାଭ

ହୃଦୟକୁ ସୁସ୍ଥ ରଖେ – ରକ୍ତଦାନର ସବୁଠାରୁ ବଡ ଲାଭ ହେଉଛି ଏହା ହୃଦୟକୁ ସୁସ୍ଥ ରଖେ । ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କର ଷ୍ଟ୍ରୋକ୍ ପରି ହୃଦୟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବହୁତ କମିଯାଏ । ଯଦି ଆପଣଙ୍କ ରକ୍ତରେ ଆଇରନ ପରିମାଣ ଅଧିକ ବଢ଼େ, ତେବେ ଏହା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ ।

କର୍କଟ ରୋଗର ଆଶଙ୍କା ହ୍ରାସ ହୁଏ – ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କ ଶରୀରରେ ଆଇରନ ସନ୍ତୁଳନ ବଜାୟ ରଖେ ।ଏହାଦ୍ୱାରା ଅନେକ ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା କମିଯାଏ ।ରକ୍ତ ଦାନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ଦୂର ହୁଏ ।

ମେଦବହୁଳତା ହ୍ରାସ – ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ଆପଣ ଅଧିକ କ୍ୟାଲୋରୀ ଜଳାନ୍ତି, ଯାହା ଆପଣଙ୍କ ପାଇଁ ଓଜନ ହ୍ରାସ କରିବା ସହଜ କରିଥାଏ । ରକ୍ତ ଦାନ କରିବା ପରେ, କିଛି ମାସ ମଧ୍ୟରେ ଲାଲ ରକ୍ତ କଣିକାର ସ୍ତର ସମାନ ହୋଇଯାଏ । ଯଦି ଆପଣ ଏକ ସୁସ୍ଥ ଖାଦ୍ୟ ଓ ବ୍ୟାୟାମ କରନ୍ତି, ତେବେ ଆପଣଙ୍କର ଓଜନ ଦ୍ରୁତ ଗତିରେ କମିବା ଆରମ୍ଭ କରେ ।

ଲାଲ୍ କୋଷ ଉତ୍ପାଦନ ବୃଦ୍ଧି କରେ – ରକ୍ତ ଦାନ କରୁଥିବା ଲୋକଙ୍କ ଶରୀରରେ ରକ୍ତ ଅଭାବକୁ ସଂପୂର୍ଣ୍ଣ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ । ଯେଉଁ କାରଣରୁ ଶରୀରରେ ଲାଲ ରକ୍ତ କଣିକା ବୃଦ୍ଧି ପାଇଥାଏ । ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖେ ।

ସ୍ୱାସ୍ଥ୍ୟ ଭଲ ରୁହେ – ଯେଉଁମାନେ ନିୟମିତ ଭାବରେ ରକ୍ତ ଦାନ କରନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଅନ୍ୟମାନଙ୍କ ଅପେକ୍ଷା ଭଲ ରୁହେ । ଏହା ସାମଗ୍ରିକ ସ୍ୱାସ୍ଥ୍ୟକୁ ଭଲ ରଖେ । ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ରକ୍ତ ଦାନ କରି, ଆପଣ କାହାର ଜୀବନ ରକ୍ଷା କାରୁଛନ୍ତି, ଏହା ମାନସିକ ସନ୍ତୁଷ୍ଟି ମଧ୍ୟ ଦେଇଥାଏ ।

କେତେ ଦିନ ମଧ୍ୟରେ ରକ୍ତ ଦାନ କରାଯିବା ଉଚିତ

ଡାକ୍ତରମାନେ କହିଛନ୍ତି ଯେ ଜଣେ ସୁସ୍ଥ ବ୍ୟକ୍ତି ପ୍ରତି ୩ ମାସରେ ରକ୍ତ ଦାନ କରିବା ଉଚିତ୍ । ଏହା ପଛର କାରଣ ହେଉଛି ଶରୀରରେ ୯୦ ରୁ ୧୨୦ ଦିନ ମଧ୍ୟରେ ଲୋହିତ ରକ୍ତ କଣିକା ସ୍ୱୟଂଚାଳିତ ଭାବରେ ମରିଯାଏ ଏବଂ ନୂତନ କୋଷ ଗଠନ ହୁଏ । ଡାକ୍ତରମାନେ ପ୍ରତି ୩ ମାସରେ ରକ୍ତ ଦାନ କରିବାକୁ ପରାମର୍ଶ ଦିଅନ୍ତି ।

କ୍ୟାନ୍ସର ରୋକିପାରେ କିସ୍‌ମିସ୍ !

ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି । ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫ୍ରୁଟସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି । କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ । କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥାଏ । ଏଥିରେ ଟାର୍ଟାରିକ୍ ଏସିଡ୍ ମଧ୍ୟ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ । ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ । ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ୍ୟ ନିୟନ୍ତ୍ରଣ କରିଥାଏ ।

କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ । ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ । ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି । ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି ।

ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ହେଲେ ରାତିରେ ଡ୍ୟାନ୍ସ ମନା । ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍ ।

■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ । କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍ । ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ । ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ । ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି ।

ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ୍ୟ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ । ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ୍ୟ କରିପାରିଥାନ୍ତି ।

ଉଠ୍ ବସାହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ । ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ୍ୟ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିତକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

ଅତି ଉପାଦେୟ ଓଟ କ୍ଷୀର: ଛିଣ୍ଡେନାହିଁ କି ସହଜରେ ବସେ ନାହିଁ

ଶିଶୁ ପାଇଁ ମା'କ୍ଷୀର ସର୍ବଦା ସର୍ବୋତ୍କୃଷ୍ଟ ତଥା ଅତୁଳନୀୟ ହୋଇଥିବା ବେଳେ ବିକଳ୍ପ ଭାବେ ଗାଈ, ଛେଳି, ମଇଁଷି ଓ ଓଟ ପରି ବିଭିନ୍ନ ସ୍ତନ୍ୟପାୟୀମାନଙ୍କର କ୍ଷୀର ମଧ୍ୟ ବ୍ୟବହୃତ ହେଉଛି । ତେବେ ସୀମିତ ଅଞ୍ଚଳରେ ଉପଲବ୍ଧ ଓଟ କ୍ଷୀରର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି । କାରଣ ଗାଈ କ୍ଷୀର ତୁଳନାରେ ଓଟ କ୍ଷୀରରେ ତିନିଗୁଣା ଅଧିକ ଭିଟାମିନ୍ ସି' ଓ ୧୦ ଗୁଣା ଅଧିକ ଲୌହସାର ରହିଛି । ସେହିପରି ଏଥିରେ ଅଧିକ ପରିମାଣର ଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି । ଅପରପକ୍ଷେ, ଓଟକ୍ଷୀରରେ କମ୍ ପରିମାଣର ଭିଟାମିନ୍ ଏ' ଓ ଭିଟାମିନ୍ ବି୨' ରହିଛି । ତେବେ ଏହି କ୍ଷୀରର ଆଉ ଏକ ବିଶେଷ ଗୁଣ ହେଲା, ଏହା ଆଦୌ ଛିଣ୍ଡେନାହିଁ । ସାଧାରଣତଃ କ୍ଷୀର ଛିଣ୍ଡିବା ଏକ ପ୍ରାକୃତିକ ପ୍ରକ୍ରିୟା ।

ଏଥିରେ ବୀଜାଣୁମାନଙ୍କ ବିଘଟନ ଯୋଗୁଁ କ୍ଷୀର ଦହିରେ ପରିଣତ ହୋଇଥାଏ । ମାତ୍ର ଅନ୍ୟମାନଙ୍କ କ୍ଷୀରଠାରୁ ଭିନ୍ନ ଥିବା ଓଟ କ୍ଷୀର ଆଦୌ ଛିଣ୍ଡେନାହିଁ । କାରଣ ଏହି ସ୍ୱତନ୍ତ୍ର ଧରଣର କ୍ଷୀରର ରାସାୟନିକ ଗଠନ ହିଁ ଏହାକୁ ଏପରି ବିଶେଷ ଗୁଣର କରିଥାଏ । ଏଥିରେ ରହିଥିବା କ୍ୟାସିନ୍ ମିସେଲସ୍ ଓ କ୍ୟାଲସିଅମ୍ ପରି ଯୌଗିକର ମିଶ୍ରଣରୁ ସୃଷ୍ଟ ରାସାୟନିକ ଗଠନ ଯୋଗୁଁ ଓଟକ୍ଷୀର ଛିଣ୍ଡେନାହିଁ କି ସହଜରେ ବସେନାହିଁ । ସେହିପରି ଏଥିରୁ ଛେନା ତିଆରି କରିବା ମଧ୍ୟ ଆହୁରି କଷ୍ଟକର । ତେବେ ଓଟ କ୍ଷୀରରେ ରହିଥିବା ପୁଷ୍ଟିସାର ଓ ଏହାର ସୀମିତ ଜମାଟ ବାନ୍ଧିବା ଗୁଣ ମଧୁମେହ-୧ ରୋଗୀଙ୍କ ପାଇଁ ଖୁବ୍ ? ମଙ୍ଗଳକରୀ । ଅଧିକ ସମୟ ଫ୍ରିଜ୍ ?ରେ ରହିଲେ ଗାଈ କ୍ଷୀର ଯେପରି ପିତା ହୋଇଯାଏ, ଓଟ କ୍ଷୀର ସେପରି ପିତା ଲାଗେ ନାହିଁ ଏବଂ ଓଟର ବସବାସ ଅଞ୍ଚଳ ମରୁଭୂମିରେ ଉଚ୍ଚ ତାପମାତ୍ରାର ପ୍ରଭାବ ଯୋଗୁଁ ଏହାର କ୍ଷୀର ଶୀଘ୍ର ନଷ୍ଟ ହୁଏନାହିଁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ପକ୍ଷୀ ଗଣନାକୌଶଳ

ପ୍ରଶ୍ନ ଉଠେ ପକ୍ଷୀମାନେ ମାଇଲ ମାଇଲ ଦୂରରୁ କାହିଁକି ଆସନ୍ତି ? ଯେମିତି ମଣିଷ ଖାଦ୍ୟ ପାଇଁ ଦୂରଦୂରାନ୍ତ ସ୍ଥାନକୁ ସ୍ଥାନସ୍ତାରିତ ବା ଦେଶାନ୍ତରିତ ହୁଅନ୍ତି, ସେହିପରି ପକ୍ଷୀମାନେ ଯେଉଁ ମୁଖ୍ୟତଃ ଦୁଇଟି କାରଣ ପାଇଁ ଉତ୍ତର ମେରୁରୁ ଦକ୍ଷିଣ ମେରୁକୁ ଯାତ୍ରା କରନ୍ତି ତାହା ହେଉଛି ଖାଦ୍ୟ ଓ ବାସସ୍ଥାନ। ଶୀତ ଯେତିକି ପାଖେଇ ଆସେ ଏବଂ କୀଟପତଙ୍ଗ ଓ ଖାଦ୍ୟ ଉପଲବ୍ଧତା ହ୍ରାସ ପାଏ, ପକ୍ଷୀମାନେ ଦକ୍ଷିଣକୁ ଗତି କରିବା ଆରମ୍ଭ କରିଦିଅନ୍ତି। ଶୀତରୁ ରକ୍ଷା ପାଇବା ମଧ୍ୟ ଏହାପଛର ଆଉ ଏକ କାରଣ। ଯାଯାବର ପକ୍ଷୀମାନେ ସେମାନଙ୍କର ବାର୍ଷିକ ଭ୍ରମଣରେ ହଜାରହଜାର କିଲୋମିଟର ଅତିକ୍ରମ କରିପାରନ୍ତି ଏବଂ ବର୍ଷକୁ ବର୍ଷ ସମାନ ପଥ ଅନୁସରଣ କରନ୍ତି। ପ୍ରଥମ ଥର ପାଇଁ ପକ୍ଷୀମାନେ ପ୍ରାୟତଃ ନିଜେ ବିନା ଅନୁସରଣ କରି ସ୍ଥାନାନ୍ତରଣ କରିଥା'ନ୍ତି। କୌଣସି ପ୍ରକାରେ ସେମାନେ ସେମାନଙ୍କର ଗନ୍ତବ୍ୟସ୍ଥଳ ପାଇଯା'ନ୍ତି ଏବଂ ପର ବର୍ଷ ମଧ୍ୟ ସେହି ସମାନ ସ୍ଥାନକୁ ଅକ୍ଳେଶରେ ପହଞ୍ଚି ପାରନ୍ତି। ସେମାନଙ୍କର ଚମତ୍କାର ଦିଗବାରେଣୀ କୌଶଳର ରହସ୍ୟ ସମ୍ପୂର୍ଣ୍ଣ ରୂପେ ବୁଝାପଡ଼ି ନାହିଁ ଆଜି ଯାଏଁ। କେତେକ ଗବେଷକଙ୍କ ମତରେ ପକ୍ଷୀମାନେ ବିଭିନ୍ନ ପ୍ରକାରର ଇନ୍ଦ୍ରିୟଗୁଡ଼ିକୁ ଏକତ୍ର କରି ଅନୁସରଣ କରିବା ଏକ କାରଣ ହୋଇପାରେ। ପକ୍ଷୀମାନେ ସୂର୍ଯ୍ୟ, ତାରା ଓ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ଅନୁଭବ କରି ଦିଗ ସୂଚନା ପାଇପାରନ୍ତି। ସେମାନେ ସୂର୍ଯ୍ୟ ଅସ୍ତ ହେବାର ସ୍ଥିତି ଏବଂ ଦିନରେ ଦେଖାଯାଇଥିବା ଭୂସ୍ଥିତି ଓ ଚିହ୍ନରୁ ମଧ୍ୟ ସୂଚନା ପାଆନ୍ତି। ଥରେ ଗୋଟିଏ ପକ୍ଷୀ ଏହାର ପ୍ରଥମ ବାର୍ଷିକ ସ୍ଥାନାନ୍ତରଣଚକ୍ରକୁ ସଫଳତାର ସହିତ ସମାପ୍ତ କଲା ପରେ ପ୍ରାୟତଃ ଜୀବନସାରା ସମାନ ଡାଞ୍ଚାକୁ ପୁନରାବୃତ୍ତି କରନ୍ତି। ସାଧାରଣତଃ ଜଳଭଣ୍ଡାର ଓ ଆଦ୍ରଭୂମିରେ ଦେଖାଯାଉଥିବା ସମସ୍ତ ପ୍ରଜାତିର ଦେଶୀୟ ଓ ବହିରାଗତ ପକ୍ଷୀମାନଙ୍କ ପ୍ରଜାତି ଓ ସଂଖ୍ୟା ଆକଳନ ଏହି ପକ୍ଷୀଗଣନାର ମୁଖ୍ୟ ଲକ୍ଷ୍ୟ। ଏହି କାର୍ଯ୍ୟ ପାଇଁ ପକ୍ଷୀ ବିଶାରଦ, ପକ୍ଷୀ ଫଟୋଗ୍ରାଫର, ବନ କର୍ମଚାରୀ, ବିଏନ୍‌ଏଚ୍‌ଏସ୍‌ର ଅଧିକାରୀ, ଓୟୁଏଟିର ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ତାଲିମ ଦିଆଯାଇ ନିୟୋଜିତ କରାଯାଇଥାଏ। ପକ୍ଷୀମାନେ ପରାଗ ସଂଗମ, ମଞ୍ଜି ବିକ୍ଷେପଣ ଓ କୀଟ ନିୟନ୍ତ୍ରଣ କରି ଜୈବ ସନ୍ତୁଳନ ବଜାୟ ରଖିବାରେ ସାହାଯ୍ୟ କରିଥା'ନ୍ତି। ପକ୍ଷୀମାନେ ପରିବେଶ ପରିବର୍ତ୍ତନ ପ୍ରତି ସମ୍ବେଦନଶୀଳ ଏବଂ ଗ୍ରହର ଅବସ୍ଥାକୁ ସୂଚିତ କରିପାରନ୍ତି। ଏମିତି ଅନେକ ତଥ୍ୟସବୁ ବାର୍ଷିକ ପକ୍ଷୀଗଣନା ସମୟରେ ପକ୍ଷୀ ବିଶାରଦମାନେ ଆଲୋଚନା କରିବା ଦ୍ୱାରା ପକ୍ଷୀ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିବାକୁ ମିଳିଥାଏ। ଉଦାହରଣ ସ୍ୱରୂପ ବାର-ହେଡେଡ ଗୁଜ ବା ଅନ୍ସର ଇଣ୍ଡିକସ ହେଉଛି ଭାରତରେ ସର୍ବୋଚ୍ଚସ୍ତରରେ ଉଡୁଥିବା ଗୋଟିଏ ପକ୍ଷୀ। ଓଡ଼ିଶାକୁ ଆସୁଥିବା ବିଦେଶୀ ହଂସଙ୍କ ମଧ୍ୟରୁ ଏହା ପ୍ରାୟ ସବୁଠାରୁ ବୃହତ ଆକାରର। ଏହା ଭୂପୃଷ୍ଠରୁ ୨୮, ୦୦୦ ରୁ ୩୦, ୦୦୦ ଫୁଟ ଉଚ୍ଚତାରେ ଉଡ଼ିପାରେ। ଏହି ପ୍ରଜାତି ତିବ୍ଦତ, ମୋଙ୍ଗୋଲିଆ, ରୁଷ ଓ କାଜାଖସ୍ତାନର ପାର୍ବତ୍ୟ ଅଞ୍ଚଳରୁ ହିମାଳୟ ଦେଇ ଶୀତଦିନେ ଭାରତୀୟ ଉପମହାଦେଶକୁ ଆସିଥା'ନ୍ତି। ସେମାନେ ଉଡୁଥିବା ସମୟରେ ହିଁ ଖାଦ୍ୟ ସଂଗ୍ରହ କରିଥା'ନ୍ତି। ଏହିଭଳି ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ଓ କୌତୁହଳ ବିଜଡ଼ିତ ତଥ୍ୟ ପକ୍ଷୀଗଣନାରୁ ମିଳିପାରେ। ଅନେକଙ୍କ ମନରେ କୌତୁହଳ ଜାତ ହୁଏ ଯେ ପକ୍ଷୀମାନଙ୍କୁ କେମିତି ଗଣାଯାଏ ? ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପ୍ରତିବର୍ଷ ଆସୁଥିବା ପକ୍ଷୀମାନଙ୍କୁ ଗୋଟି ଗୋଟି କରି ଗଣିବା ସମ୍ଭବ ନୁହେଁ। ୨୦୨୪ ମସିହାର ଆକଳନ ଅନୁସାରେ ଓଡ଼ିଶାରେ ଦେଖାଯାଇଥିଲା ୧୮୭ ପ୍ରଜାତିର ପକ୍ଷୀ ଏବଂ ସେମାନଙ୍କ ମୋଟ ସଂଖ୍ୟା ଥିଲା ୧୧, ୩୭, ୭୫୯। ସେହିଭଳି ଚଳିତ ବର୍ଷ ଆକଳନ ଅନୁସାରେ ସମୁଦାୟ ୨୦୦ ପ୍ରଜାତିର ପକ୍ଷୀ ନଜରକୁ ଆସିଛନ୍ତି ଏବଂ ସେମାନଙ୍କର ମୋଟ ସଂଖ୍ୟା ହେଉଛି ୧୬, ୬୫, ୦୦୦। ସାରା ରାଜ୍ୟରେ ଗୋଟିଏ ଦିନରେ ଏକା ସମୟରେ ଗଣନା ଯୋଗୁଁ ଏହି ତଥ୍ୟ ସାମନାକୁ ଆସିଛି। ଗୋଟିଏ ସ୍ଥାନରେ ଲଗାତାର ଗଣନା କାର୍ଯ୍ୟ ଜାରି ରହିଲେ ତଥ୍ୟରେ ତ୍ରୁଟି ଦେଖାଯାଇପାରେ। ଉଦାହରଣସ୍ୱରୂପ ଯଦି ଚିଲିକା ହ୍ରଦରେ ଲଗାତାର ପାଞ୍ଚଦିନ ଧରି ଗଣନା କାର୍ଯ୍ୟ ଜାରି ରୁହେ ତେବେ ପ୍ରତିଦିନ ପକ୍ଷୀ ସଂଖ୍ୟାରେ ପ୍ରାୟ ଏକଲକ୍ଷରୁ ଦୁଇଲକ୍ଷର ଫରକର ସମ୍ଭାବନା ଥାଏ। କାରଣ ପକ୍ଷୀମାନଙ୍କୁ ଗୋଟିଗୋଟି କରି ଗଣିବା ସମ୍ଭବ ହୋଇ ନ ଥାଏ। ଗଣନା ପ୍ରକ୍ରିୟା ଏକ ଆନୁମାନିକ ଆକଳନ ମାତ୍ର। ପକ୍ଷୀମାନଙ୍କୁ ପ୍ରଜାତି ଅନୁସାରେ ଚିହ୍ନିବା ଓ ଗଣିବା ପାଇଁ ଦୂରବୀକ୍ଷଣଯନ୍ତ୍ର, ଡାଟା ସିଟ୍ ଏବଂ କିଛି ଫୋଟୋଗ୍ରାଫରଙ୍କ ଟେଲିଫୋଟୋ ଲେନ୍ସ ବ୍ୟବହୃତ ହୁଏ। ପକ୍ଷୀ ବିଶାରଦ(ଅର୍ନିଥୋଲୋଜିଷ୍ଟ) ଓ ପକ୍ଷୀ ପର୍ଯ୍ୟବେକ୍ଷକମାନେ ଦୂରବୀକ୍ଷଣଯନ୍ତ୍ର ଓ କ୍ୟାମେରା ବ୍ୟବହାର କରି ପକ୍ଷୀ ଗଣନା ପାଇଁ ନିୟୋଜିତ ହୋଇଥା'ନ୍ତି। ଯେଉଁ ଫୋଟୋଗ୍ରାଫରମାନେ ଦଳେ ପକ୍ଷୀଙ୍କ ଫଟୋ ଆଣି ଗୋଟି ଗୋଟି କରି ଗଣିବାରେ ସକ୍ଷମ ହୁଅନ୍ତି, ସେମାନଙ୍କର ଆକଳନ ଅନ୍ୟମାନଙ୍କ ଆକଳନଠାରୁ ଯଥେଷ୍ଟ ସଠିକ ବୋଲି ଧରାଯାଏ। କିନ୍ତୁ ଦଳେ ପକ୍ଷୀଙ୍କୁ ଦୂରବୀକ୍ଷଣଯନ୍ତ୍ରରେ ଦେଖି ତତ୍ ?କ୍ଷଣାତ ଆନୁମାନିକ ଆକଳନ କରିବା ହୁଏତ ଏତେଟା ସଠିକ ହୋଇ ନ ଥାଏ। ଓଡ଼ିଶାରେ ବାର୍ଷିକ ପକ୍ଷୀଗଣନା ବିଭିନ୍ନ ପଦ୍ଧତି ବ୍ୟବହାର କରି, ଯଥା- 'ଲାଇନ ଟ୍ରାନସ୍କେଟ', 'ପଏଣ୍ଟ ଟ୍ରାନସ୍କେଟ', 'ଡାଇରେକ୍ଟ ଅବଜର୍ଭେସନ' ଆଦି ଦ୍ୱାରା ପରିଚାଳିତ ହୋଇଥାଏ। 'ଲାଇନ ଟ୍ରାନସ୍କେଟ' ପଦ୍ଧତିରେ ପର୍ଯ୍ୟବେକ୍ଷକମାନେ ପୂର୍ବ ନିର୍ଦ୍ଧାରିତ ମାର୍ଗରେ ଧୀରେ ଧୀରେ ଗତି କରନ୍ତି ଏବଂ ସେହି ମାର୍ଗର ଉଭୟ ପାର୍ଶ୍ୱରେ ଦେଖୁଥିବା ସମସ୍ତ ପକ୍ଷୀଙ୍କ ସଂଖ୍ୟାକୁ ଲିପିବଦ୍ଧ କରିଥା'ନ୍ତି। ଏହି ପଦ୍ଧତି ପ୍ରାୟତଃ ବଡ଼, ଖୋଲା ଅଞ୍ଚଳରେ ବ୍ୟବହୃତ ହୋଇଥାଏ।

ଆଧ୍ୟାତ୍ମିକ, ପୌରାଣିକ ଓ ବୈଜ୍ଞାନିକ ମତରେ ଶିବଲିଙ୍ଗର ତତ୍ତ୍ୱ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ପ୍ରାୟ ସମସ୍ତଙ୍କୁ ଜଣା ଥିବ କି ସଂସ୍କୃତ ଭାଷା ହେଉଛି ଆଦିଭାଷା ବା ସବୁ ଭାଷାର ଜନକ ଏହାକୁ ଦେବନାଗରୀ ଲିପି ମଧ୍ୟ କୁହାଯାଏ । ଆମେ ଜାଣୁ କି କୌଣସି ଶବ୍ଦର ଅର୍ଥ ଭିନ୍ନ ଭାଷାରେ ଭିନ୍ନ ଭିନ୍ନ ହୋଇଥାଏ । ସେପରି ଏହି ସଂସ୍କୃତ ଭାଷାରେ କିଛି ଏପରି ଶବ୍ଦ ରହିଛି ଯାହାର କି ଭିନ୍ନ ଭିନ୍ନ ଅର୍ଥ ରହିଛି। ଉଦାହରଣ ସ୍ୱରୂପ,'ସୂତ୍ର' ଓ 'ଅର୍ଥ' - 'ସୂତ୍ର' କହିଲେ ସୂତା ଓ 'ସୂତ୍ର' କହିଲେ ଗଣିତର ସୂତ୍ର, ବିଜ୍ଞାନର ସୂତ୍ରକୁ ମଧ୍ୟ ବୁଝାଏ । ସେହିପରି 'ଅର୍ଥ' କହିଲେ ଟଙ୍କା,ଧନ, ସମ୍ପତ୍ତିକୁ ବୁଝାଏ ଓ 'ଅର୍ଥ' କହିଲେ କୌଣସି ଶବ୍ଦର ଭାବାର୍ଥକୁ ମଧ୍ୟ ବୁଝାଏ। 'ଲିଙ୍ଗ' ଏକ ସଂସ୍କୃତ ଶବ୍ଦ ଯାହାର ଅର୍ଥ ହେଉଛି ପ୍ରତୀକ ଯେମିତିକି ପୁଲିଙ୍ଗର ଅର୍ଥ ପୁରୁଷର ପ୍ରତୀକ ବା ଚିହ୍ନ ଓ ସ୍ତ୍ରୀଲିଙ୍ଗର ଅର୍ଥ ହେଉଛି ସ୍ତ୍ରୀର ପ୍ରତୀକ ବା ଚିହ୍ନ। ସେହିପରି 'ଶିବଲିଙ୍ଗ'ର ଅର୍ଥ ହେଉଛି ଶିବଙ୍କର ପ୍ରତୀକ ବା ଚିହ୍ନ। ଏହା ଶିବଙ୍କର ଯୌନାଙ୍ଗ ବୋଲି ଭାବିବା ଆମର ମସ୍ତବଡ଼ ଭୁଲ। ଯେପରି ଗୋଲାକାର ବାୟୁ ମଣ୍ଡଳ, ଗୋଲାକାର ପୃଥିବୀ ଓ ଗୋଲାକାର ବ୍ରହ୍ମାଣ୍ଡ ରହିଛି ସେପରି ଶିବଲିଙ୍ଗର ଚାରିପାଖର ଗୋଲାକାର ଅଂଶ ରହିଛି । ଅର୍ଥାତ 'ଶିବଲିଙ୍ଗ'ର ଗୋଲାକାର ଅଂଶ ବ୍ରହ୍ମାଣ୍ଡକୁ ବୁଝାଏ ଓ 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଅକ୍ଷ ଅଟେ । ବିଜ୍ଞାନ ମଧ୍ୟ ପ୍ରମାଣ କରି ସାରିଛି କି 'ଶିବଲିଙ୍ଗ' ବ୍ରହ୍ମାଣ୍ଡର ଏକ ପ୍ରତୀକ। ଭାରତର ବହୁତ ନାରୀ ଶିବଲିଙ୍ଗକୁ ସ୍ପର୍ଶ କରନ୍ତି ନାହିଁ। ସେମାନେ ଭାବନ୍ତିକି ଶିବଲିଙ୍ଗ ହେଉଛି ଶିବଙ୍କର ଯୌନାଙ୍ଗ । ଆମ ମନରେ ଏଭଳି ଅନ୍ଧବିଶ୍ୱାସ ଭରି ଦିଆଯାଇଛି କେବଳ ବିଦେଶୀ ମାନଙ୍କ ଦ୍ୱାରା । ସନାତନ ଧର୍ମ ଏକ ଏପରି ଧର୍ମ ଯାହା କି ବିଜ୍ଞାନ ସହ ଯୋଡି ହୋଇ ରହିଛି । ବିଜ୍ଞାନ ମଧ୍ୟ ଭଗବାନଙ୍କ ଅସ୍ତିତ୍ୱର ପ୍ରମାଣ କରି ସାରିଛି। ଏପରି ମହାନ ଆମ ସନାତନ ଧର୍ମ । ଏବେ ପ୍ରଶ୍ନ ଆସୁଛି 'ଶିବଲିଙ୍ଗ' ର ସୃଷ୍ଟି କିପରି ହେଲା ଆଉ କାହିଁକି ହେଲା ? ସ୍କନ୍ଧ ପୁରାଣରେ ବର୍ଣ୍ଣିତ ଅଛି କି ପୁରାତନ କାଳରେ ମୁନି ଋଷି ମାନେ ଦୀପ ଜ୍ୟୋତିକୁ ଚାହିଁ ପରମାତ୍ମାଙ୍କୁ ଧ୍ୟାନ କରୁଥିଲେ । ବାୟୁ ସଞ୍ଚାଳନ ହେତୁ ଦୀପ ଜ୍ୟୋତି ସ୍ଥିର ରହୁ ନଥିଲା ଓ ମୁନି ଋଷି ମାନଙ୍କର ଧ୍ୟାନ ଭଗ୍ନ ହେଉଥିଲା । ତେଣୁ ସେମାନେ ଦୀପ ଜ୍ୟୋତିର ଏକ ବିକଳ୍ପ ଚିନ୍ତା କଲେ । ଅନନ୍ତ ବ୍ରହ୍ମାଣ୍ଡ ଓ ପୃଥିବୀ ର ଅକ୍ଷକୁ ଚିନ୍ତା କରି ସେମାନେ ପଥରରେ ଏକ ଦୀପ ଜ୍ୟୋତିର ମୂର୍ତ୍ତି ତିଆରି କଲେ ଯାହା କି ଏହି 'ଶିବଲିଙ୍ଗ' । ସେମାନେ ଏହି 'ଶିବଲିଙ୍ଗ' କୁ ଚାହିଁ ଧ୍ୟାନ କରିବା ଆରମ୍ଭ କଲେ ତେଣୁ ଏହା ପରଠାରୁ 'ଶିବଲିଙ୍ଗ' ର ପ୍ରଚଳନ ଆରମ୍ଭ ହେଲା।

ତେବେ ପଦ୍ମପୁରାଣ ଅନୁସାରେ ଏକଦା ମହର୍ଷି ଭୃଗୁ ସୃଷ୍ଟି ତତ୍ତ୍ୱ ଓ ପରମପିତା ଶିବଙ୍କର ମାହାତ୍ମ୍ୟ ଜାଣିବା ପାଇଁ କୈଳାସରେ ପହଞ୍ଚିଲେ । ଠିକ୍? ସେହି ସମୟରେ ଭଗବାନ ଶିବ ମାତା ପାର୍ବତୀଙ୍କ ସହିତ ଏକ ନିବୃତ ସ୍ଥାନରେ ରତିକ୍ରୀଡ଼ା ଅର୍ଥାତ୍ ସୃଷ୍ଟି ସର୍ଜନାରେ ମଗ୍ନ ଥିଲେ । ବହୁଦିନ ଧରି ଅପେକ୍ଷା କରିଥିଲେ ମଧ୍ୟ ମହର୍ଷି ଭୃଗୁ ପରମପିତାଙ୍କର ଦର୍ଶନ କରିପାରିଲେ ନାହିଁ । ଏଥିପାଇଁ ତାଙ୍କର ଧୈର୍ଯ୍ୟଚ୍ୟୁତି ହେବାରୁ ସେ ପରମପିତାଙ୍କୁ ପ୍ରାର୍ଥନା ତଥା ଅଭିଶାପ ଦେଇ କହିଲେ-" ହେ ପରମ ପିତା ! ଆପଣ ଯେଉଁ ଅବସ୍ଥାରେ ନାରୀ ଶକ୍ତି ସହିତ ସଂଯୁକ୍ତ ହୋଇଛନ୍ତି, ସେହି ଅବସ୍ଥାରେ ଏ ଭବମୟ ସାରା ସଂସାରରେ ପୂଜା ପାଇବେ ।" ତାହା ହିଁ ହେଲା । ଭୃଗୁ ଋଷିଙ୍କର କଥା ସତ୍ୟ ହେଲା । ସେହିଦିନରୁ ଭଗବାନ ଶିବ ଲିଙ୍ଗରୂପରେ ପୂଜା ପାଇଆସୁଛନ୍ତି । ସେହିପରି କୋଟିରୁଦ୍ର ସଂହିତା ଅନୁସାରେ ଦେବଦାରୁ ବନରେ ଥିବା ଏକ ଆଶ୍ରମରେ କେତେକ ଋଷି ସପତ୍ନୀକ ଭଗବାନ ଶିବଙ୍କର ପୂଜାର୍ଚ୍ଚନା କରୁଥିଲେ । ଏକଦା ଏହି ସପତ୍ନୀକ ଋଷିମାନଙ୍କୁ ପରୀକ୍ଷା କରିବା ପାଇଁ ଭଗବାନ ଶିବ ସେହି ଆଶ୍ରମରେ ପହଞ୍ଚିଲେ । ଠିକ୍? ସେହି ସମୟରେ ଋଷିମାନେ ସମିଧ ସଂଗ୍ରହ ନିମନ୍ତେ ବନକୁ ଯାଇଥିଲେ । ଭଗବାନ ଶିବ ଋଷି ପତ୍ନୀମାନଙ୍କ ସମ୍ମୁଖରେ ନଟରାଜ ରୂପରେ ନୃତ୍ୟ କରିବାକୁ ଲାଗିଲେ । ନୃତ୍ୟ ସମୟରେ ଦେହରୁ ସମ୍ପୂର୍ଣ୍ଣ ବସ୍ତ୍ର ଖସି ଯାଇଥିଲା, ତାଙ୍କର ସେଥିପ୍ରତି ଧ୍ୟାନ ନଥିଲା । ଠିକ୍? ସମୟରେ ଋଷିମାନେ ବନରୁ ଫେରି ଭଗବାନ ଶିବଙ୍କର ଏପରି ଉଲଗ୍ନ ଅବସ୍ଥା ଦେଖି କ୍ରୋଧାନ୍ୱିତ ହୋଇ ଅଭିଶାପ ଦେଲେ, ଏହାଫଳରେ ଶିବଙ୍କ ଲିଙ୍ଗ ତାଙ୍କ ଦେହରୁ ଛିନ୍ନ ହୋଇ ଭୂମିରେ ପଡ଼ିଲା । ଛିନ୍ନ ଲିଙ୍ଗ ଅସ୍ଥିର ହୋଇ ସମଗ୍ର ସଂସାରରେ ବହୁ ଉତ୍ପାତ କଲେ । ଦେବତାମାନେ ବ୍ୟସ୍ତ ହୋଇ ବେଦପତି ବ୍ରହ୍ମା ମାତା ପାର୍ବତୀଙ୍କୁ ଧ୍ୟାନ କଲେ । ବ୍ରହ୍ମାଙ୍କ ଧ୍ୟାନରେ ସନ୍ତୁଷ୍ଟ ହୋଇ ମାତା ପାର୍ବତୀ ସମସ୍ତ ଜାଣିପାରି ମର୍ତ୍ତ୍ୟକୁ ଆଗମନ କଲେ । ମାତା ଭଗବତୀ ଦେବୀ ପାର୍ବତୀ ଶିବଙ୍କର ସେହି ଛିନ୍ନ ଲିଙ୍ଗକୁ ନିଜ ଶକ୍ତିଚକ୍ର (ଯୋନି) ମଧ୍ୟରେ ଧାରଣ କରି ଶାନ୍ତ କରାଇଲେ । ସେହିଦିନ ଏକାନ୍ତ ଭକ୍ତି ଓ ନିଷ୍ଠାର ସହିତ ସପତ୍ନୀକ ଋଷିମାନେ ଶକ୍ତିଚକ୍ର ସହିତ ଲିଙ୍ଗପୂଜା କଲେ । ଫଳରେ ସେହିଦିନରୁ ଭଗବାନ ଶିବଲିଙ୍ଗ ରୂପରେ ପୂଜା ପାଇଆସୁଛନ୍ତି। ଆଉ ଶିବ ପୁରାଣ ଅନୁସାରେ ଦକ୍ଷପ୍ରଜାପତିଙ୍କ ଯଜ୍ଞରେ ମଙ୍ଗଳମୟ ଦେବାଧିଦେବ ମହାଦେବଙ୍କ ଅପମାନ ସହ୍ୟ କରିନପାରି ମାତା ସତୀ ଯଜ୍ଞକୁଣ୍ଡରେ ଆତ୍ମହୁତି ଦେଲେ । ଫଳରେ ସତୀଙ୍କୁ ନପାଇ ଭଗବାନ ଶିବ ହତଜ୍ଞାନ ହୋଇ ଦକ୍ଷଯଜ୍ଞ ଭଙ୍ଗ କରିବା ସଙ୍ଗେ ସଙ୍ଗେ ସଂସାରରେ ତାଣ୍ଡବଲୀଳା କରି ସମଗ୍ର ସୃଷ୍ଟିକୁ ପ୍ରଳୟ କରିବାକୁ ଲାଗିଲେ । ସେହି ସମୟରେ ତାଙ୍କ କଟିରୁ ବ୍ୟାଘ୍ରଚର୍ମ ଖସିପଡ଼ିବାଦ୍ୱାରା ସେ ସମ୍ପୂର୍ଣ୍ଣ ଉଲଗ୍ନ ହୋଇଗଲେ । ଶିବଙ୍କ କ୍ରୋଧ ଶାନ୍ତ କରିବା ପାଇଁ ଦକ୍ଷ ପ୍ରଜାପତିଙ୍କ ରାଣୀ ନୈବେଦ୍ୟ ଧରି ଶିବଙ୍କ ସମ୍ମୁଖରେ ଉଭା ହେଲେ । ଭଗବାନ ଶିବଙ୍କର ଏପରି ଉଲଗ୍ନ ରୂପ ଦେଖି ରାଗିଯାଇ ବଡ଼ପାଟିରେ କହିଲେ, "ମୁଁ ତୁମର ମାତୃତୁଲ୍ୟ, ତୁମେ ମୋ ସମ୍ମୁଖରେ ଉଲଗ୍ନ ହୋଇ ଲିଙ୍ଗ ପ୍ରଦର୍ଶନ କଲ । ତେଣୁ ତୁମେ ଯୁଗେ ଯୁଗେ ଏହି ଲିଙ୍ଗ ରୂପରେ ପୂଜା ପାଅ । ତାହା ହିଁ ହେଲା। ସେହିଦିନରୁ ଭଗବାନ ଶିବଶଙ୍କର ସମଗ୍ର ସଂସାରରେ ଲିଙ୍ଗରୂପରେ ପୂଜା ପାଇ ଆସୁଛନ୍ତି । ତେବେ ତତ୍ତ୍ୱ ଜନିତ ଓ ବୈଜ୍ଞାନିକ ପ୍ରାମାଣିକ ଅନୁସାରେ ଶୂନ୍ୟ, ଆକାଶ, ଅନନ୍ତ ବ୍ରହ୍ମାଣ୍ଡ ଏବଂ ନିରାକାର ପରମ ପୁରୁଷଙ୍କ ପ୍ରତୀକ ହୋଇଥିବାରୁ ଏହାକୁ ଲିଙ୍ଗ କୁହାଗଲା ଯାହା ଶିବଲିଙ୍ଗ ନାମରେ ନାମିତ ଆଉ ଏହା ହିଁ ପ୍ରକୃତ ସତ୍ୟ।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୮୨୪୯୫୦୨୭୭୬



କେତେଦିନ ପର ହାତକୁ ଚାହିଁଥିବୁ ?

ସୁବ୍ରତ କର

ମେଡିକାଲ କଲେଜର ତିନି ଚାରୋଟି ବିଭାଗ ରେମୁଣାଠାରେ କାର୍ଯ୍ୟରତ କିନ୍ତୁ ଅନ୍ୟ ବିଭାଗ ଗୁଡ଼ିକ ଏପର୍ଯ୍ୟନ୍ତ ଜିଲ୍ଲା ଡାକ୍ତରଖାନା ପରିସରରେ ଚାଲିଛି । କେହି କହି ପାରୁ ନାହାନ୍ତି କେବେ ଅନ୍ୟ ବିଭାଗ ଗୁଡ଼ିକ ରେମୁଣାଠାରେ କାର୍ଯ୍ୟକାରୀ ହବ ଏବଂ ନ ଯିବାର କାରଣ ମଧ୍ୟ କାହାକୁ ଜଣା ନାହିଁ । ଏବେ ଜଣା ପଡ଼ୁଛି କଲେଜରେ ଯଥେଷ୍ଟ ପରିମାଣରେ ମୃତ ଦେହ ମିଳୁ ନାହିଁ ଯାହା ପାଇଁ ପାଠ ପଢ଼ା ବ୍ୟାହତ ହେଉଛି । ଏ ପର୍ଯ୍ୟନ୍ତ (୭ବର୍ଷ) ଅନୁଷ୍ଠାନକୁ ୬ଟି ମୃତଦେହ ମିଳିଛି ଏବଂ ସେହିଥିରେ କାମ ଚଳାଉଛନ୍ତି ।

ଏବେ ପ୍ରଶ୍ନ ଉଠୁଛି ତେବେ ଆମ ଜିଲ୍ଲା ମେଡିକାଲ କଲେଜ କେବେ ନିଜ ଗୋଡ଼ରେ ଛିଡ଼ା ହୋଇ ପାରିବ ? ଏହି କଲେଜ ବାଲେଶ୍ୱରର କିଛି ବିଶିଷ୍ଟ ଲୋକଙ୍କ ଅଦ୍ୟମ ପ୍ରଚେଷ୍ଟାରେ ଗଢ଼ି ଉଠିଛି । ହେବାବେଳେ କୌଣସି ରାଜନୈତିକ ଲୋକ ଆଗଭର ହୋଇ ସାହାଯ୍ୟ କରିବା ପାଇଁ ଆଗେଇ ଆସି ନଥିଲେ । ପରିଷ୍କାର ଭାବେ କହିଥିଲେ ଏବଂ ଚେଷ୍ଟା କରିଥିଲେ ସରକାରୀ କଲେଜ ନ ହୋଇ ଏକ ବେସରକାରୀ କଲେଜ ତିଆରି ହେବା ଉଚିତ । ସେତେବେଳେ ମେଡିକାଲ କ୍ରିୟାନୁଷ୍ଠାନ କମିଟିର ସଭ୍ୟ ଏବଂ ସଭ୍ୟା ମାନଙ୍କ ଅତିରିକ୍ତ ଚେଷ୍ଟା ଫଳରେ ଏହି ମେଡିକାଲ କଲେଜ ଆଜି ଆମ ଜିଲ୍ଲାରେ ହୋଇପାରିଛି । ଏହି କଲେଜ ହେବା ପଛରେ ନିଶ୍ଚିତ ଭାବରେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅବଦାନ ନିଶ୍ଚୟ ଏକ ମେଡିକାଲ କଲେଜ ହେବ ଏବଂ ଶେଷରେ ୧୦୦ ସିଟ୍ ବିଶିଷ୍ଟ କଲେଜ ଖୋଲାହେଲା । ଏହା ପରେ ପରେ ଦୁଇ ବର୍ଷ ପୂର୍ବେ ଶେଷ ବର୍ଷର ପିଲା ବାହାରି ଡାକ୍ତର, ଡାକ୍ତରାଣୀ ହୋଇ ସାରିଲେଣି । କିନ୍ତୁ ଦୁଃଖର କଥା ଅନ୍ୟ ଜିଲ୍ଲାମାନଙ୍କରେ ୧୦୦ ଜାଗାରେ ୧୫୦ ସିଟ୍ ହୋଇଛି କିନ୍ତୁ ଆମେ ସେହିଠାରେ ଅଛୁ ।

ଏହି ମେଡିକାଲ କଲେଜର ତିନି ଚାରୋଟି ବିଭାଗ ରେମୁଣାଠାରେ କାର୍ଯ୍ୟରତ କିନ୍ତୁ ଅନ୍ୟ ବିଭାଗ ଗୁଡ଼ିକ ଏପର୍ଯ୍ୟନ୍ତ ଜିଲ୍ଲା ଡାକ୍ତରଖାନା ପରିସରରେ ଚାଲିଛି । କେହି କହି ପାରୁ ନାହାନ୍ତି କେବେ ଅନ୍ୟ ବିଭାଗ ଗୁଡ଼ିକ ରେମୁଣାଠାରେ କାର୍ଯ୍ୟକାରୀ ହବ ଏବଂ ଏହା ଆଗକୁ ବଢି ନପାରିବାର କାରଣ ମଧ୍ୟ କାହାକୁ ଜଣା ନାହିଁ । ଏବେ ଜଣା ପଡ଼ୁଛି କଲେଜରେ ଯଥେଷ୍ଟ ପରିମାଣରେ ମୃତ ଦେହ ମିଳୁ ନାହିଁ ଯାହା ପାଇଁ ପାଠ ପଢ଼ା ବ୍ୟାହତ ହେଉଛି । ଏ ପର୍ଯ୍ୟନ୍ତ (୭ବର୍ଷ) ଅନୁଷ

ବାବନାଭୂତ

ଶ୍ରୀନିବାସ ସେଠୀ

ଆଠଜଣ ଭାଇ ଭଉଣୀଙ୍କ ଭିତରେ ସବୁଠୁ ବଦମାସ୍ ନାମରେ ମୁଁ ଜଣା ଥିଲି । ଆଖିଟା ମୋର ମଧ୍ୟ ଗାଢ କଳା ରଙ୍ଗର ହୋଇ ଅନେକ ଦୁଷ୍ଟାମୀରେ ଭରା ଥିଲା । ଦେହର ରଙ୍ଗ ଅଦ୍ଭୁତ ଥିଲା । ଅନ୍ୟମାନଙ୍କ ଠୁ ମୁଁ ଶୁଣିଥିଲି, ଚାରି ଚାରିଟି ଛୁଆ ଜନ୍ମ ହେଲା ପରେ ବାପାଙ୍କର ମୋ ଜନ୍ମ ହେବାଟା ପସନ୍ଦ ନଥିଲା । ଶୁଣିଛି ମୁଁ ମାଆ ପେଟରେ ଦୁଇ ମାସ ଥିବା ସମୟରେ ବାପା ଦେଶୀ ଉପଚାରରେ ଗର୍ଭପାତ ପାଇଁ ମା'ର ଅଜାଣତରେ ମୁଦୁକ ବୋଲି କହି କ'ଣ ଖୁଆଇ ଦେଇଥିଲେ ଯେ ମୋ ଜନ୍ମ ହେବାକୁ ଯଦିଓ ରୋକି ପାରିନଥିଲେ କିନ୍ତୁ ତା ପ୍ରଭାବରେ ମୋ ରଂଗଟି ଅଦ୍ଭୁତ ଭାବରେ ବେରଙ୍ଗ ହୋଇଗଲା । ସେ ଘଟଣା ପରେ ବୋଉ ବାପାଙ୍କ ଉପରେ ଏତେ ବିରକ୍ତି ହୋଇଯାଇଥିଲା ଯେ ମୁଁ ଜନ୍ମ ହେବା ପରେ ଆଉ ତିନି ତିନି ଜଣ ଜନ୍ମ ପର୍ଯ୍ୟନ୍ତ ବାପା ସେଇଭଳି ମୁଦୁକ ଦେବାକୁ ସାହସ କରି ନଥିଲେ । କିନ୍ତୁ ମୋ ରଂଗ ଓ ଯାବତୀୟ ବଦମାସୀ ସ୍ୱଭାବ, ସେ ମୁଦୁକର ପ୍ରଭାବ ବୋଲି କହି ବୋଉ ହିଁ ବାପାଙ୍କୁ ଦୋଷ ଦେଉଥିଲା । ମୁଁ ପ୍ରଥମରୁ ବାପାଙ୍କ ବିରକ୍ତିର କାରଣ ଥିଲି । ବଦମାସୀ କରିଲା ବେଳକୁ ବାପା ମୋତେ ଟିକିଏ କଥାରେ ନିର୍ଧୁମ ପିଟୁଥିଲେ ।

ମୋତେ କେହି ଭଲ ପାଉନଥିଲେ । ପରିବାର ଏତେ ବଡ ହୋଇଯାଇଥିଲା ଯେ ବାପାଙ୍କ ଅଳ୍ପ ରୋଜଗାରକୁ ଆମର ଖାଇବା କଷ୍ଟ ରହି ଯାଉଥିଲା । ମୁଁ ବଡ ଭାଇ ଭଉଣୀଙ୍କ ଖାଇବା ବେଳାରେ ହାତ ପୁରେଇ ଖାଇ ଯାଉଥିଲି । ବଡ଼ଭାଇ ଭଉଣୀ ମାନେ ମୋ ମଥା ଚୁଟିକୁ ଟାଣି ଦି ବିଧା ଦେଉଥିଲେ । ସାନ ତିନି ଜଣ ମୋତେ ଦେଖି ଭୟରେ ଅନ୍ୟ ଆଡ଼କୁ ପଳାଇ ଯାଉଥିଲେ ।

ସବୁଠୁ ସାନ ଭଉଣୀ ପୁଚୁକି ମୋ ଠୁ ଅବଶ୍ୟ ବେଶି ମାଡ ଖାଉଥିଲା । ତାର କାରଣ ଥିଲା, ପ୍ରଥମତଃ ସେ ବାପାଙ୍କ ସବୁଠୁ ଗେହ୍ଲା ଥିବାରୁ ମୋର ତା ପ୍ରତି ଈର୍ଷା ଥିଲା, ଦ୍ୱିତୀୟରେ ସେ ମୋର ସବୁ ବଦମାସିକୁ ଧାରା ବିବରଣୀ ଭଳି ବାପାଙ୍କ ପାଖରେ ବୟାନ କରୁଥିଲା ।

ମୁଁ ବଡ ଅପାକୁ ପଢ଼ିବା ସମୟରେ ହଇରାଣ କରୁଥିଲି ବୋଲି ସେ ମଧ୍ୟ ମୋତେ ବିଲକୁଲ ପାଖ ପଶାଇ ଦେଉନଥିଲା । ତା ଜ୍ୟାମିତି ବାକ୍ସର ସେହି କମ୍ପାସଟି ମୋତେ ସବୁଠୁ ଆଶ୍ଚର୍ଯ୍ୟ ଜିନିଷ ଲାଗୁଥିଲା । ତା ସାହାଯ୍ୟରେ ମୁଁ ବୃତ୍ତକୁ ସଜାଇ ଓଳିପଟ କାନ୍ଥରେ ଫୁଲ କାଟି ସେଥିରେ ମୋ ସିଲଟ ଲେଖା ଖଡିରେ ରଂଗ ଭରୁଥିଲି ।

ଦିନେ ବଡ ଭଉଣୀ ଜ୍ୟାମିତି ବାକ୍ସର କମ୍ପାସଟିକୁ ଓଲଟା ଦିଗରେ ବୁଲେଇ ଭାଙ୍ଗିଦେଲି ଯେ ଅପା ପ୍ରଥମ ଥର ପାଇଁ ମୋ ହଇରାଣରେ କାନ୍ଦି ପକାଇଲା । କାରଣ ସେତେବେଳେ ଖାଲି କମ୍ପାସ କିଣିବାକୁ ମିଳୁ ନଥିଲା । ଜ୍ୟାମିତି ବାକ୍ସର କମ୍ପାସଟି ହିଁ ଜ୍ୟାମିତି ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା । ତା ପାଇଁ ପୁରା ଜ୍ୟାମିତି ବାକ୍ସ କିଣିବାକୁ ପଡିବ । ବାପାଙ୍କ ପାଖରେ ଏଇମିତିରେ ସବୁବେଳେ ପଇସା ଅଭାବ । ତେଣୁ ଏଇଟା ଗୋଟିଏ ଅପ୍ରତ୍ୟାଶିତ ଅଧିକ ଖର୍ଚ୍ଚ ତାଲିକା ଭୁକ୍ତ ହୋଇଗଲା । ସେଦିନ ବହୁତ ମାଡ ଖାଇଲି ବାପାଙ୍କ ଠୁ । ବାପା ପ୍ରଥମରୁ ମୋ ଉପରେ ଅତିଷ୍ଠ ଥିଲେ । ଦିକ୍‌ଦାର ହୋଇ କହିଲେ , 'ଏଇଟା ମରିଯାଉନି କାହିଁକି ?'

ଚାରି କିଲୋମିଟର ଦୂରରେ ରେଲ ଲାଇନ ।

ମୁଁ ଧମକ ଦେଇ କହିଲି, 'ରେଲ ଲାଇନରେ ଜୀବନ ଦେବାକୁ ।'

ବାପା କହିଲେ, ' ଯାଆ ।'

ଭାଇ ଭଉଣୀ ମାନେ କେହି ଅଟକେଇଲେ ନାହିଁ । ମୁଁ କିନ୍ତୁ ଅଟକି ନଥିଲି । ରେଲ ଲାଇନ୍ ଯିବାକୁ ହେଲେ ଗୋଟିଏ ଶ୍ମଶାନ ପାରି ହେବାକୁ ପଡେ । ପାଖ ଦୁଇ କିଲୋମିଟର ଦୂରରେ ଶ୍ମଶାନ ଥିଲା ଓ ଶ୍ମଶାନ ଭିତରେ ବଡ ବରଗଛଟିଏ ଥିଲା । ସେ ଗଛ ପାଖକୁ ମୁଁ ଯାଏନି , ଡର ଲାଗେ । ଶୁଣିଥିଲି ସେ ଗଛରେ ଅନେକ ବାବନାଭୂତ ରୁହନ୍ତି । ସେଦିନ କିନ୍ତୁ ମୋର ଡର ନଥିଲା । ମୁଁ ତା ପାଖ ଦେଇ ଚାଲିଲି । ମୁଁ ଏକ ମୁହାଁ ଚାଲି ଚାଲି ଶ୍ମଶାନ ଶେଷ ମୁଣ୍ଡରେ ପହଂଚିଲି । ପଛକୁ ଥରେ ଫେରି ଚାହିଁଲି । ପଛରେ ରହିଗଲା ମୋ ଗାଁ । ଦେଖୁଥିଲି କେହି ମୋ ପଛରେ ଫେରାଇ ନେବାକୁ ଆସୁଛନ୍ତି କି ନାହିଁ । କିଏ କାହିଁକି ଫେରାଇ ନେବ ମୋତେ । ମୁଁ ତ ଏକ ଅଲଗା ବୋଝ । ଅଲଗା ଝମେଲା ହୋଇ ରହିଛି ସମସ୍ତଙ୍କ ପାଇଁ । କାନ୍ଦି କାନ୍ଦି ଲୁହ ଭର୍ତ୍ତି ହୋଇଗଲା ମୋ ଆଖି । ଭଲରେ ଦେଖି ପାରୁନଥାଏ । ସେହି ଝାଲ ଝାଲିଆ ଆଖିରେ ହଠାତ୍ ଦେଖିଲି ଶ୍ମଶାନ ଆର ପଟେ ଗୋଟିଏ ବାବନାଭୂତ ମୋ ଆଡକୁ ଦଉଡିଛି । ମୁଣ୍ଡ ବାଳ ଝାମ୍ପୁରୁ ଝାମ୍ପୁର । ଦେହ ସାରା ଗୁଡେଇ ରଖିଥିବା ଶାଢ଼ି ଶ୍ମଶାନ ପବନରେ ଚକ୍ରାକାରରେ ଉଡୁଛି ତା ଚାରିପଟେ ।

ମୁଁ ତାକୁ ଦେଖି ଡରି ଦଉଡିଲି ଆଗକୁ । ସେ ଆହୁରି ଯୋରରେ ମୋ ପଛେ ପଛେ ଦଉଡୁଥିଲା ।

- ସନୁ !

ଡାକ ଶୁଣି ମୁଁ ପଛକୁ ଫେରି ଚାହିଁଲି ।?

ମୋ ବୋଉ । କାନ୍ଦି କାନ୍ଦି ମୋ ପଛରେ ଧାଇଁଛି । ମୁଣ୍ଡ ବାଳ ଫର ଫର ହୋଇ ଉଡୁଛି ଶ୍ମଶାନର ହାଉ ହାଉ ପବନରେ । ଧଇଁ ସଇଁ ଦଉଡିବା ଫଳରେ ଶାଢ଼ି ଖୋଲି ଗୁଡେଇ ଯାଇଛି ।

ମୁଁ ଦଉଡ଼ି ଯାଇ କୁଣ୍ଢେଇ ଧରି ପଚାରିଲି ,

- 'କି ଲୋ ବୋଉ କାନ୍ଦୁଛୁ କାହିଁକି ? ତୋର ଆଠଟା ଛୁଆ । ଜଣେ ବଦମାସ ମରିଗଲେ କ'ଣ ଫରକ ପଡିବ ? ଶାନ୍ତିରେ ତ ବଂଚିବୁ । ପଖାଳ, ଲୁଣ ଅକୁଳାଣରୁ ତ ତୋତେ ମୁକ୍ତ ମିଳିବ । '

ମୋତେ ବୋଉ କୁଣ୍ଢେଇ ଧରି କହିଲା, 'ଆମେ ପେଜ , ତୁରାଣି ପିଇ ସାଙ୍ଗରେ ରହିବୁ । କିନ୍ତୁ ମୋର ଆଠଟାଯାକ ଛୁଆ ଦରକାର । ତୁ ନ ରହିଲେ ମୋ ପାଖରେ ବଦମାସୀ କରିବାକୁ କିଏ ରହିବ କହିଲୁ ?'

ମୁଁ କାନ୍ଦି କାନ୍ଦି କହିଲି , 'ହଉ , ମଶାଣି ଲୋ ବୋଉ । ଶୁଣିଛି ବର ଗଛରେ ବହୁତ ବାବନାଭୂତ ରୁହନ୍ତି । ଡର ଲାଗିଲାଣି । ଚାଲ ଘରକୁ ଫେରିଯିବା ।'

ଘରକୁ ଯିବା ସମୟରେ ବାପା ଖଳାରେ ପତୁଳି ପକାଉଥିଲେ । ବୋଉ ବାପାଙ୍କ ଓଲଟା ଦିଗରେ ମୋ କାନ୍ଧରେ ହାତ ପକାଇ ମୋତେ ତା ଶାଢ଼ି ପଣତରେ ଲୁଚାଇ ନେଇ ଯାଉଥିଲା । ମୁଁ କିନ୍ତୁ ଶାଢି ପଣତରୁ ମୁହଁ କାଢ଼ି ବାପାଙ୍କୁ ପୁରା ଆଗ ଦାନ୍ତ ଦେଖାଇ ହସି କହିଲି , 'ବୋଉ ! ବାବନାଭୁତ ଭଳି ମୋ ପଛେ ପଛେ ଦଉଡିଥିଲା ।'

ବାପା କହିଲେ,'ଦୂର ! ଅଲଜ୍ୟା ।'

ବଡ ଭଉଣୀ ଓଳିପଟେ ଚାଳକୁ ଧରି ଛିଡ଼ା ହୋଇଥିଲା ଆଉ ମୁଁ ତା କମ୍ପାସରେ ଆଙ୍କିଥିବା ଚିତ୍ରକୁ ଦେଖି କାନ୍ଦୁଥିଲା । ମୋତେ ଦେଖି ଦଉଡି ଆସି କୁଣ୍ଢେଇ କହିଲା , 'ଶୁଣ ! ତୋତେ କମ୍ପାସ ଭଲ ଲାଗେ ନା ? ମୋ'ର ନୂଆ ଜ୍ୟାମିତି ବାକ୍ସ ଆସିଲେ ତୋତେ କମ୍ପାସଟି ଦେବି ବାପାଙ୍କୁ ଲୁଚାଇ । ତୁ କହ, ଆଉ ଯିବୁନି ତ ଜୀବନ ଦେବାକୁ ?'

ବଡ ଭାଇ କହିଲା , ' ଏଇ ଶୁଣ ! ମୁଁ ବଡ ବୋଲି ବୋଉ ମୋତେ ଟିକିଏ ବେଶି ଭାତ ଦିଏ । ଏଥର ଭାତ ଦେଲେ, ମୋ ଭାଗରୁ ତୋତେ ଦୁଇ ମୁଠା ଖାଇବାକୁ ଦେବି । ତୁ ଆଉ ଜୀବନ ଦେବାକୁ ଯିବୁନି ତ ?'

ସାନ ତିନି ଭାଇ ଭଉଣୀ କହିଲେ, ' ହଉ । ତୋତେ ଆଉ ମାତ୍ର ଥରେ ଆମକୁ ପିଟିବାକୁ ଦେବୁ । ଆମେ ଆଉ କାନ୍ଦିବୁନି । କିନ୍ତୁ ତୁ ମରିବାକୁ ଯିବୁନି କହ ।'

ସବୁଠୁ ସାନ ପୁଚୁକି କହିଲା, ' ତୁ ଯଦି ମନେକର ମରି ଯାଇଥାନ୍ତୁ ଭାଇ, ତେବେ କେବେ ପୁଣି ଆସିଥାନ୍ତୁ ?'

ମୁଁ ତିନି ଜଣଙ୍କୁ କୁଣ୍ଢେଇ ଧରି ଜୋର୍ ଜୋରରେ କାନ୍ଦିଲି ।

ସେଇଟା କେତେ ବର୍ଷ ତଳର କଥା । ସେଦିନର ସେହି ବାବନାଭୁତ କାହାଣୀ ଆମ ଭାଇ ଭଉଣୀଙ୍କ ମେଳରେ ଯେବେ ଯେବେ ଆଲୋଚନା ହୁଏ ଆମେ ସମସ୍ତେ ହସି ହସି ଗଡିଯାଉ । ହସ ଶେଷରେ ମୁଁ ହଠାତ୍ ଗମ୍ଭୀର ହୋଇଯାଏ , ଦୁଇ ଆଖିରୁ ଝରି ଆସୁଥିବା ଲୁହକୁ ଲୁଚାଇ ଉଠି ଅନ୍ୟ ଆଡେ ଚାଲିଯାଏ ।

+ + + + + + +ଞଞଞ

ଏବେ ସମସ୍ତେ ପ୍ରତିଷ୍ଠିତ । ବଡ ଭାଇ ସାଇକୋଲଜି ପ୍ରଫେସର । ବଡ ଭଉଣୀ ଗଣିତର ମାଷ୍ଟରାଣୀ । ସାନ ପୁଚୁକି ଏକ ପ୍ରସିଦ୍ଧ ହିନ୍ଦି ଚାନେଲର ରିପୋର୍ଟର । ମୁଁ ରେଲୱେରେ ଚାକିରୀ କରେ । ସମସ୍ତେ ବାହାରେ ରୁହନ୍ତି । ଅତୀତର ସେହି ଭାଇ ଭଉଣୀ ଭିତରେ ଆମର ଛୋଟ ଛୋଟ କଳି, ଝଗଡ଼ା, ମାର ପିଟ ଆମ ଭିତରେ ମଧୁର ସ୍ମୃତି ହୋଇ ରହିଛି । ଛୋଟ ବେଳାର ଛୋଟ ଛୋଟ ଅଭାବ ଆମକୁ ଆହୁରି ପାଖ କରେଇଛି । ଆଜି ପଇସାକୁ ନେଇ କେହି ହିସାବ କରେନି । କାହାର କିଛି ଦରକାର ହେଲେ, ଯାହା ପାଖରେ ଯେତକ ଥାଏ ସବୁତକ ନେଇ ପହିଂଚି ଯାଆନ୍ତି । ସେତକରୁ ବୁଝିଛି, ଦୁଃଖର ଦିନ ସୁଖର ଦିନଠୁ ମଣିଷକୁ ନିକଟତର କରାଇଥାଏ ।

ଆଜି ଅନେକ ବର୍ଷ ପରେ ମୁଁ ଗାଁକୁ ଫେରିଛି । ସବୁ ଭାଇ ଭଉଣୀ ମଧ୍ୟ ଆସିଛନ୍ତି । ଗାଁ ସୀମାନ୍ତରେ ମୋ ଆସିବାକୁ ଅପେକ୍ଷା କରି ସବୁ ଭାଇ ଭଉଣୀ ଛିଡ଼ା ହୋଇଥିଲେ । ମୁଁ ସେଇଠି ଗାଡି ରଖି ସବୁ ଭାଇ ଭଉଣୀଙ୍କ ସହ ଚାଲି ଚାଲି ସେହି ବରଗଛ ଶ୍ମଶାନ ପାଖକୁ ଗଲି । ବୋଉ ସମାଧି ପାଖରେ ଛିଡ଼ା ହେଲି ଦଣ୍ଡେ । ଏଇଠି ମୋ ବୋଉ ଚିର ବିଶ୍ରାମ ନେଇଛି । ଆଠ ଆଠଟି ଛୁଆ ଜନ୍ମ କରି ବି ଗୋଟିକୁ ଯମକୁ ନଦେବାପାଇଁ ଯମ ସହିତ ଝଗଡ଼ା କରି ଛୁଆକୁ ଛଡାଇ ଆଣିଛି । ଏଇମିତି ସେ ଛୁଆ ରଙ୍କୁଣି, ଡାହାଣୀ ।'

କାନ୍ଦି କାନ୍ଦି କହିଲି, ' ମୋ ପାଖକୁ ଥରେ ଫେରିଆ ମୋ ବାବନାଭୂତ !'

ସମସ୍ତଙ୍କ ଆଖିରୁ ଲୁହ ଝରି ଆସୁଥିଲା । ଦଲକାଏ ଥଣ୍ଡା ପବନ ବୋହି ଆସିଲା ବୈଶାଖର ମଉଳା ଅପରାହ୍ନରେ ।

ବର ଗଛର ପତ୍ର ଗହଳରୁ ଦଳେ ପକ୍ଷୀ ହଠାତ୍ ଉଡିଗଲେ ଫଡ୍ ଫଡ୍ ଶବ୍ଦକରି ।

+ ବସନ୍ତ ପୁର , ଗେଙ୍କୁଟି, ବାଲେଶ୍ୱର

କଣା ବିରାଡ଼ି ଓ କୁଜି ଅସରପା

ପ୍ରଭାକର ଦାସ



ଡାକ୍ତରଖାନାରେ ନବଘନବାବୁଙ୍କ ଚେତା ଫେରିବା ପରେ ସେ ଆଖି ଖୋଲି ଥରେ ଚାରିଆଡ଼କୁ ଅନାଇ ସେଇ ଲୋକକୁ ଖୋଜିଲେ, ହେଲେ ସେତେବେଳକୁ ଲୋକଟି ତାଙ୍କ ଦୃଷ୍ଟିରୁ ଅନ୍ତରାଳକୁ ଚାଲିଯାଇଥିଲା ସମସ୍ତଙ୍କ ଅଜାଣତରେ । ଅତ୍ୟନ୍ତ କୃତଜ୍ଞତାରେ ନବଘନବାବୁଙ୍କର ଆଖି ଦୁଇଟି ସଜଳ ଦିଶିଲା । ଅତି ଧୀର ସ୍ୱରରେ କହିଲେ "ସେ କୁଆଡ଼େ ଗଲା, ତାକୁ ଟିକେ ମୋ ପାଖକୁ ଡାକ ।" ଏତକ କହି ନବଘନବାବୁ ଲୋକଟିର ଅପେକ୍ଷାରେ ରହିଲେ ।

ବାଘମରା ଗାଁଟା ସେ ପଂଚାୟତର ସବୁଠୁଁ ବଡ଼ ଓ ପୁରୁଣା ଗାଁ । ଏଠାରେ ବିଭିନ୍ନ ବର୍ଗର ଲୋକେ ବସବାସ କରନ୍ତି । ଦେଶ ସ୍ୱାଧୀନତା ବେଳେ ଏଇ ଗାଁରୁ ତିନଜଣ ସ୍ୱାଧୀନତା ସଂଗ୍ରାମୀ ସେ ଅଂଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବରେ ପରିଚିତ ଥିଲେ । ସେଇଦିନୁ ଏଇ ଗାଆଁ ରାଜନୀତି ଚର୍ଚ୍ଚାରେ ସବୁବେଳେ ଆଗରେ ରହି ଆସିଛି ତାଙ୍କ ବ୍ଲକରେ । ଗାଁରେ ବିଭିନ୍ନ ରାଜନୈତିକ ଦଳର ଅନେକ ନେତା, କୁଜିନେତା, ଯୁବନେତା/ ନେତ୍ରୀ, ସମାଜସେବୀ/ ସେବିକା ପ୍ରାୟତଃ ଆତଯାତ ହେଉଥିବାର ଦେଖାଯାଏ । ଅନେକ ସମୟରେ ସେମାନଙ୍କ ମଧ୍ୟରେ ଆକ୍ରୋଶ ଭାବ ସୃଷ୍ଟି ହୋଇ ଦଙ୍ଗା-ହାଙ୍ଗାମା, ମାରପିଟ୍, ଲୁଟ୍ ତରାଜ, ଘରପୋଡ଼ି ଇତ୍ୟାଦି ଅବାଞ୍ଛିତ କାର୍ଯ୍ୟମାନ ମଧ୍ୟ ଘଟିଥାଏ ଏବଂ ପ୍ରାୟତଃ ଅନେକ ମାଲି ମୋକଦ୍ଦମା ଏଥିସକାଶେ ଥାନା, କୋର୍ଟ, କଚେରୀ ଇତ୍ୟାଦିରେ ବର୍ଷ ସାରା ଲାଗି ରହିଥାଏ । ଏଥିପାଇଁ ଗାଁ ମୁଣ୍ଡରେ ସରକାରଙ୍କ ତରଫରୁ ଗୋଟେ ଆରକ୍ଷୀ ଫାଣ୍ଡି ମଧ୍ୟ ରହିଛି । ହେଲେ ପରିସ୍ଥିତିର ସେମିତି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନି ଏଯାଏ ସମସ୍ତଙ୍କର ଆନ୍ତରିକତାର ଅଭାବରୁ ।

ଗାଁର ଚୌଧୁରୀ ପରିବାର ଏକ ଧନୀ, ଆଭିଜାତ୍ୟପୂର୍ଣ୍ଣ ପୁରାତନ ପରିବାର । ସ୍ୱାଧୀନତା ଆନ୍ଦୋଳନ ବେଳେ ଏଇ ପରିବାରର ହୟ ବଦନ ଚୌଧୁରୀ ମହୋଦୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଥରେ ଜେଲ୍ ଯାଇଥିଲେ ବୋଲି ନଜିର ଅଛି । ସେଥିପାଇଁ ସେ "ସଂଗ୍ରାମୀ ଭତ୍ତା" ପ୍ରାପ୍ତ ହେଉଥିଲେ । ତାଙ୍କ ସୁପୁତ୍ର, କୁଳ ନନ୍ଦନ ବୈଲୋଚନ ଚୌଧୁରୀ ବାପାଙ୍କ ନା ବିକି ଭାଙ୍ଗି ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଥରେ ପଂଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ । ଆଉ ଥରେ ବିଧାନସଭା ପ୍ରାର୍ଥୀ ହୋଇ ହାରି ଯାଇଥିଲେ ମଧ୍ୟ ନେତା ହିସାବରେ ତାଙ୍କର ଖାତିର ଥିଲା । ତେବେ ତାଙ୍କ ସମୟରେ ସେ "ଜନସେବା"ରୁ ଯେତେ ଧନ ପ୍ରାପ୍ତ ହେଉଥିଲେ ତାହା ତାଙ୍କର ପାଂଚପୁରୁଷ ଯାଏ ବସି ଖାଇଲେ ସରିବନି ବୋଲି ନିନ୍ଦୁକ, ଅସହିଷ୍ଣୁ ଲୋକେ କହୁଥିବାର ଶୁଣାଯାଏ । ତେବେ ଜୀବନର ଶେଷଯାଏ ସେ ଜଣେ ସ୍ଥାନୀୟ ନେତା, ଜନ-ସେବକ ହିସାବରେ ଜଣାଶୁଣା ଥିଲେ । ତାଙ୍କରି ସମୟରୁ ହିଁ ଶାନ୍ତ ବାଘମରା ଗାଁରେ ରାଜନୈତିକ କନ୍ଦଳରୁ ବିଭିନ୍ନ ବିଶୃଙ୍ଖଳାର ମଂଜି ବୁଣାହୋଇ କ୍ରମେ ତାହା ମହାଦୁମରେ ପରିଣତ ହୋଇ ବସିଛି ଏବଂ ଗାଁର ଶାନ୍ତ, ସରଳ ଗ୍ରାମ୍ୟ ଜୀବନକୁ ପଥହରା, ଦିଗହରା କରି ପକାଇଛି, ତାଙ୍କର ଏକୋଇର ବଳା ବିଶି କେଶନ-ବାବୁ ନବଘନ ଚୌଧୁରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଦି, ଦି ଥର ଫେଲ୍ ହୋଇ ବାପାଙ୍କ ପଦାନୁସରଣ ପୂର୍ବକ ରାଜନୀତିରେ ପାଦଦେଇ ବାପାଙ୍କ ଶୁଭ ଆଶୀର୍ବାଦ ଏବଂ ସଦିଚ୍ଛା ବଳରେ ଯୁବନେତା (ଯୁବ ସମାଜସେବୀ) ହୋଇ ଯାଇଛନ୍ତି । ତେବେ ବାପାଙ୍କ ଭଳି "ବାଆକୁ ଦେଖି ଛତା" ନୀତିରେ ସୁବିଧାନୁଯାୟୀ ବିଭିନ୍ନ ଦଳରେ ସେ ସାମିଲ ହୋଇ ଯାଉଥିଲେ ଅତି ସହଜରେ । ଦୁଇବର୍ଷ ତଳେ ଭୟଙ୍କର "କରୋନା"ରେ ଆକ୍ରାନ୍ତ ହୋଇ ବୈଲୋଚନ ଚୌଧୁରୀ ଇହଲୀଳା ସମ୍ବରଣ କଲେ । ଯୁବକ ନବଘନ ଏବେ ଧନୀ, ଯୁବନେତା ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିତ୍ୱ ହୋଇଉଠିଲେ ଗାଁରେ । ହେଲେ ରାଜନୀତି ଦୃଷ୍ଟିରୁ ନିଜ ଗାଁ ତଥା ତାଙ୍କ ପଂଚାୟତରେ ତାଙ୍କର ବିରୋଧିଙ୍କ ସଂଖ୍ୟା ନ କମି ବରଂ ବଢ଼ିବାରେ ଲାଗିଲେ । ନିଜର ଅପାରଗତା ଏବଂ ଔଦ୍ଧତ୍ୟ ଯୋଗୁଁ । ତଥାପି ସେଥିପ୍ରତି ତାଙ୍କର ଭୃକ୍ଷେପ ନଥାଏ ନିଜର ଆତ୍ମ ଗର୍ବିତା ଏବଂ ଧନର ପ୍ରାଚୁର୍ଯ୍ୟ ଯୋଗୁଁ । ଅର୍ଥବଳରେ ସେ ସବୁକିଛି କରିପାରିବେ ଏଇ ଦୃଢ଼ ଧାରଣା ତାଙ୍କର ଥାଏ ।

ରାମ ଦଳେଇ ସେଇ ବାଘମରା ଗାଁର ଜନୈକା ବାସିନ୍ଦା, ଗରିବ, ମୁଲିଆ ଶ୍ରେଣୀୟ ଲୋକ । କେବଳ ଦେହ ମେହେନତିରେ ପରିବାରର ଚାରି ପ୍ରାଣୀ କୁଟୁମ୍ବ ପୋଷେ । ସ୍ତ୍ରୀ ସାମନୀ ମଧ୍ୟ ଲୋକଙ୍କ ଘରେ କାମଧନ୍ଦା କରେ । ପୁଅ, ଝିଅ ନାବାଳକ ନାବାଳିକା । ରାମ ଗରିବ, ମଜୁରିଆ ହେଲେ ମଧ୍ୟ ଭାରି ସରଳ, ବିଶ୍ୱସ୍ତ, ସଚ୍ଚୋଟ ଓ ନ୍ୟାୟବନ୍ତ ମଣିଷ । ତା ବାପା ଚୌଧୁରୀ ଘରେ ବାରମାସିଆ (ମଜୁରିଆ)ଥିଲେ । ରାମ ମଧ୍ୟ ସେଇ ଚୌଧୁରୀ ଘରେ ମୁଲିଆ କାମ କରେ ଅତି ନିଷ୍ଠା ଓ ବିଶ୍ୱାସର ସହିତ । କିନ୍ତୁ ନବଘନବାବୁଙ୍କ ବ୍ୟବହାର, ଆତ୍ମ ଗର୍ବିତା, ରୀତିନୀତି ସବୁକୁ ସେ ପସନ୍ଦ କରୁନଥିଲା । କିନ୍ତୁ ମୁହଁ ଖୋଲି ତାଙ୍କୁ କିମ୍ବା ତାଙ୍କ ପରିବାରର କାହାରିକୁ କିଛି କହି ପାରୁନଥାଏ । କାରଣ ସେ ତାଙ୍କ ଘରର ମଜୁରିଆ, ତାଙ୍କରି ଅନ୍ନରେ ପାଳିତ, ମୁହଁ ଖୋଲିଲେ ସବୁ ସରିଯିବ ।

ରାଜ୍ୟରେ ତିନିସ୍ତରୀୟ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଗଲା । ନବଘନ ଚୌଧୁରୀ ଏକ ପ୍ରତିଷ୍ଠିତ ରାଜନୈତିକ ଦଳର ପ୍ରାର୍ଥୀ ଭାବରେ ତାଙ୍କ ପଂଚାୟତରେ ସରପଂଚ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଇଚ୍ଛାକଲେ, କିନ୍ତୁ ଦଳ ତାଙ୍କୁ ପ୍ରାର୍ଥୀ ନକରି ଅନ୍ୟଜଣକୁ ପ୍ରାର୍ଥୀ କରାଇଲେ । ଏଥିରେ ନବଘନ କ୍ରୋଧାନ୍ୱିତ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବରେ ଉକ୍ତ ପଦ ପାଇଁ ନିର୍ବାଚନ ଲଢ଼ିଲେ କିଛି ଯୁବକର୍ମୀଙ୍କ ସହାୟତାରେ । ହେଲେ, ସେ ନିଜେ କିମ୍ବା ତାଙ୍କ ଦଳର ପ୍ରାର୍ଥୀ କେହି ବି ଜିତି ନପାରି ବିରୋଧି ଦଳର ପ୍ରାର୍ଥୀ ଲାଭ ଉଠାଇ ନେଲେ ।

ବିଶେଷତଃ ତାଙ୍କ ଗାଁର ଯେଉଁମାନେ ତାଙ୍କୁ ଭୋଟ ଦେଇନଥିଲେ ସେ ଅନୁମାନ କଲେ । ସେମାନଙ୍କ ଉପରେ ରକ୍ତଚାଉଳ ଚୋବାଇ ହେଲେ । ସେମାନଙ୍କ ମଧ୍ୟରେ ଥିଲେ ତାଙ୍କ ଘରର ମଜୁରିଆ ରାମ ଦଳେଇ । ରାମକୁ ସେ କାମରୁ ବାହାର କରିଦେବା ସହିତ ତାଙ୍କ ବାରିରୁ ଗୋଟେ କଦଳୀ କାନ୍ଦି ଚୋରୀ କରିବା ଅଭିଯୋଗରେ ରାମ ନାଁରେ ପାଖ ଫାଣ୍ଡିରେ ଏତାଲା ଦେଲେ । ଅବଶ୍ୟ ତଦନ୍ତରେ ତାହା ମିଥ୍ୟା ପ୍ରମାଣିତ ହୋଇଥିଲା । ପ୍ରକୃତରେ ଉକ୍ତ କଦଳୀକାନ୍ଦିକୁ ନବଘନଙ୍କ ଗୋପନ ପରାମର୍ଶରେ ତାଙ୍କର ଜଣେ ବିଶ୍ୱସ୍ତ ଲୋକ, ସେଇ ଗାଁର ହରିଆ ବାରିକ ରାତିରେ କାଟି ନେଇ ତା ନିଜଘରେ ଲୁଚାଇ ରଖିଥିଲା । ହରିଆର ସାନ ଝିଅ ଏକଥାକୁ ତା ସାଙ୍ଗମାନଙ୍କୁ କହିଲା ଏବଂ କଥାଟା କ୍ରମେ ଅନ୍ୟମାନେ ମଧ୍ୟ ଜାଣିଲେ । ଏଥିରେ ଅପଦସ୍ତ ହେବା ପରେ ନବଘନ ଗାଁରେ ଅଧିକରୁ ଅଧିକ ଅପମାନିତ ହେଲେ । ତାଙ୍କର ରାଗ ଚରମ ସୀମାକୁ ପାରି ହୋଇଗଲା ।

ଏଣେ ତାଙ୍କ ଦଳର ପରାଜିତ ପ୍ରାର୍ଥୀ ନବଘନଙ୍କ ଯୋଗୁଁ ହାରିଥିବାରୁ ନବଘନ ଉପରେ ଭୀଷଣ ରାଗିଯାଇଥିଲେ ଏବଂ ସୁବିଧା-ସୁଯୋଗ ପାଇଲେ ନବଘନକୁ ପାନେ ଦେବାକୁ ପ୍ରସ୍ତୁତିରେ ରହିଲେ ।

ନିର୍ବାଚନର ଅଳ୍ପଦିନ ପରେ ଆସିଯାଇଥିଲା ଗଣପର୍ବ ଦ

ଜାତିଗତ ତାଡନାର କରାଳ ଚିତ୍ର, ଭିଟାମାଟିରୁ ଉଚ୍ଛେଦ ପାଇଁ ଆକ୍ରମଣ, ଏସ୍‌ପିଙ୍କ ହସ୍ତକ୍ଷେପ ଦାବି

କେନ୍ଦ୍ରାପଡ଼ା, ୨୩/୨ (ନି.ପ୍ର): – ଜନଜାତି ସୁରକ୍ଷା ପାଇଁ ସଦାସର୍ବଦା ପ୍ରଶାସନ ବା ସରକାର ତତ୍ପର ଥିବା କୁହାଯାଉଥିବାବେଳେ ଏହାର ବ୍ୟତିକ୍ରମ ଘଟିଛି ଏବେର ଶାସନ କାଳରେ । ଜାତିଗତ ନିର୍ଯ୍ୟାତନା ତାଡନାରେ ଜର୍ଜ୍ଜରିତ ହୋଇ ସାମାଜିକ ବାଛନ୍ଦ ହେବାକୁ ପଡିଛି । ଆକ୍ରମଣ ପରେ ଜେସିବି ମେସିନ ଦ୍ୱାରା ଘରଦ୍ୱାର ସହ ଗଛ ଗୁଡିକୁ ମଧ୍ୟ ନିର୍ମମ ଭାବେ କାଟି ଦିଆଯାଇଛି । ପ୍ରତିବାଦ କରି ଭିଡିଓ ଉତୋଳନକୁ ମଧ୍ୟ ଗୋବର୍ଦ୍ଧନପୁର ରାଜସ୍ୱ ନିରୀକ୍ଷକ ମୋବାଇଲ ଛଡାଇ ସାକ୍ଷ୍ୟ ପ୍ରମାଣ ନଷ୍ଟ କରିଦେଇଥିବା ନେଇ ଆଜି ଯାଜପୁର ଏସପିଙ୍କ ନିକଟରେ ଅଭିଯୋଗ ହୋଇଥିବା ଦେଖିବାକୁ ମିଳିଛି । ଦିନକୁ ଦିନ ଯାଜପୁର ଜିଲ୍ଲାରେ ଆଦିବାସୀ ଶୋଷଣ ବୃଦ୍ଧି ପାଇବାରେ ଲାଗିଛି । ଜନଜାତିଙ୍କୁ ସରକାର ସୁରକ୍ଷା ଦେବାରେ ଯାଜପୁର ଜିଲ୍ଲା ପ୍ରଶାସନ ସହ ଖୋଦ ଆଦିବାସୀ ମୁଖ୍ୟମନ୍ତ୍ରୀ ମୋହନ ସରକାର ଫେଲ ମାରିଥିବା ଆଭିଯୋଗ ଆଣି ଯାଜପୁର ସିଭିଲ ସୋସାଇଟ ଫୋରମର ସମ୍ପାଦକ ବିଶ୍ୱନାଥ ପାତ୍ରଙ୍କ ନେତୃତ୍ୱରେ ସମାଜିକ କର୍ମୀ ମନୋରଂଜନ ଜେନା, ସୁରେଖା ମଲ୍ଲିକ, କ୍ଷିରୋଦ ଦାସ, ପ୍ରତାପ ଦାସ, ଦୁଷ୍ମନ୍ତ ଜେନା, କିଶୋର ଜେନା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଆକ୍ରମଣର ଶିକାର ହୋଇଥିବା ପରିବାର ଯାଜପୁର ଏସପି ୟସ ପ୍ରତାପ ଶ୍ରୀମଲଙ୍କୁ ଭେଟି ସୁରକ୍ଷା ଯୋଗାଇବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି । ଅପରପକ୍ଷେ ଜାତିଭେଦର ମାନସିକରେ ଜନଜାତି ବର୍ଗର ଘରଦ୍ୱାର ଭାଂଗି ଦିଆଯାଉଛି । ଘେରାବନ୍ଦୀରେ ରହି ଭିଟାମାଟିରୁ ଉଚ୍ଛେଦ ପାଇଁ ସଂଘବଦ୍ଧ ଆକ୍ରମଣ ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ନଛିପୁର ଗ୍ରାମର ଜଣେ ଜନଜାତି ବର୍ଗର କୁନି ଅମାତଙ୍କୁ ଭୋଗିବାକୁ ପଡିଛି । ଏନେଇ ପୁଲିସର କାର୍ଯ୍ୟଶୈଳୀ ଉପରେ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅଭିଯୋଗ ଆଧାରରେ କୁନି ଅମାତଙ୍କ ଘରକୁ ସେହି ଗ୍ରାମର କିଛି ରାଜନୈତିକ ନେତୃବୃନ୍ଦଙ୍କ ଇଂଗିତରେ ୫୦ରୁ ଉର୍ଦ୍ଧ ସବର୍ଣ୍ଣ ବର୍ଗର ମହିଳା ଓ ପୁରୁଷ ହାତରେ ମାରଣାସ୍ତ୍ର ଧରି କଦଳୀ ଗଛ ଠାରୁ ଘରଦ୍ୱାରକୁ ଜେସିବି ମେସିନ ଲଗାଇ ଭାଂଗିଦେଇ ଭୂମିହୀନ ପରିବାରକୁ ବେଦଖଲ କରିବାକୁ ଉଦ୍ୟମ କରିଥିବା ନେଇ ଟମକା ଥାନାରେ ମାମଲା ପଂଜିକୃତ ହୋଇଛି । କିନ୍ତୁ ଟମକା ପୁଲିସ ହାତବାନ୍ଧି ବସିବାରୁ ଆକ୍ରମଣକାରୀ ମାନେ ଗତ ଶୁକ୍ରବାର ଦିନ ପୁନଃ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିଲେ । ଘଟଣା ସ୍ଥଳେରେ କୁନି ଅମାତଙ୍କ ଝିଅ ମୋବାଇଲରେ ଘଟଣାର ଦୃଶ୍ୟ ରେକର୍ଡିଂଗ କରୁଥିବା ବେଳେ ଖୋଦ ଗୋବର୍ଦ୍ଧନପୁର ଆରଆଇ ମୋବାଇଲ ଛଡାଇ ନେଇ ଡିଲିଟ ମାରିଥିଲେ । ଏବଂ ସବର୍ଣ୍ଣ ଲୋକେ ଏକତ୍ରିତ ହୋଇ ସାମାଜିକ ବାସନ୍ଦ କରି ଘରେ ପଶି ଜୀବନରୁ ମାରି ଦେବାକୁ ଉଦ୍ୟମ କରୁଥିବା ନେଇ ଏସପିଙ୍କ ନିକଟରେ ଅଭିଯୋଗ କରାଯାଇଛି । ଉକ୍ତ ମାମଲାରେ ତ୍ୱରୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବିହୋଇଛି ।

କିଟ୍‌ରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ, କିଟ୍ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର : ବିଜୟ ପଟ୍ଟନାୟକ

ଭୁବନେଶ୍ୱର, ୨୩/୨ (ନି.ପ୍ର): କିଟ୍‌ରେ ଘଟିଥିବା ଘଟଣା ଦୁର୍ଭାଗ୍ୟଜନକ, କିଟ୍ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି କହିଛନ୍ତି ପୂର୍ବତନ ମୁଖ୍ୟ ଶାସନ ବିଜୟ ପଟ୍ଟନାୟକ । ସେ କହିଛନ୍ତି ଯେ, ମୁଁ ମୁଖ୍ୟ ଶାସନ ସଚିବ ଥିବା ସମୟରେ କିଟ୍ ଜମି ଜାଲିଆତି ନେଇ ଅଭିଯୋଗ ଆସିଥିଲା । ଇଷ୍ଟେଟ ଅଫିସରଙ୍କ କୋର୍ଟରେ ମାମଲା ହୋଇଥିଲା । ସରକାରୀ ଜମି, ଜଙ୍ଗଲ ଜମି ଜବରଦଖଲ, ବିନା ଆପ୍ରୁଭାଲରେ ନିର୍ମାଣ ଅଭିଯୋଗ ଆସିଥିଲା । ଅଭିଯୋଗ ଆସିବା ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା ଓ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୧୦ ରୁ ୨୦୧୨ -୨୦୧୩ ଭିତରେ ଆସିଥିଲା ଅଭିଯୋଗ । ବିଜେଡ଼ି ଟିକେଟରେ ଅଚ୍ୟୁତ ସାମନ୍ତ ରାଜ୍ୟସଭା ଯାଇଥିଲେ । ଏଥିରେ ସନ୍ଦେହ ନାହିଁ ଯେ ବିଜେଡ଼ି ସରକାର ତାଙ୍କୁ ଅହେତୁକ ଅନୁକମ୍ପା ଦେଖାଇଥିଲେ । ଏବେ ରାଜ୍ୟରେ ସରକାର ବଦଳିଛି । ବିଜେପି ସରକାର ଦେଖାଇବା ଦରକାର ଯେ ସେମାନେ ବିଜେଡ଼ି ଠାରୁ ଭିନ୍ନ । କିଟରେ ଦୁର୍ଭାଗ୍ୟ ଜନକ ଘଟଣା ଘଟିଛି । ଏହା ସାଧାରଣ ଘଟଣା ନୁହଁ। ଅଶାଳୀନ ଓ ଅରୁଚିକର ମନ୍ତବ୍ୟ ଦିଆଯାଇଛି ନେପାଳ ଉପରେ । ସେମାନଙ୍କ ଦେଶର ବଜେଟଠୁ କିଟ୍ ବଜେଟ ଅଧିକ କହିବା ନିନ୍ଦନୀୟ । ଓଡିଶା ସରକାର ଦେଖାଇଦେବା ଦରକାର ଯେ ଦେଶ ଉପରେ କଥା ଆସିଲେ କାହାକୁ ଛଡା ଯିବା ଉଚିତ୍ । ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କିଟ୍ ବିରୋଧରେ ନେବା ଦରକାର । ନଚେତ୍ ବିଦେଶୀ ଛାତ୍ର ଛାତ୍ରୀ ଭୟ କରିବେ ଓଡ଼ଶା ଆସି ପଢିବା ପାଇଁ । ଡିମ୍ଡ ୟୁନିଭର୍ସିଟି ମାନ୍ୟତା ଦିଆଯିବ ନା ନାହିଁ ସେନେଇ ଭାରତ ସରକାର ଓ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା କଥା । ବିଶ୍ୱବିଦ୍ୟାଳୟ ଆଇନରେ ସଂଶୋଧନ କିମ୍ବା ନୂଆ ନିୟମ ଆସୁ । ରାଜ୍ୟପାଳଙ୍କ କାର୍ଯ୍ୟାଳୟରେ ସିଧା ସଳଖ ଯେପରି ଛାତ୍ରଛାତ୍ରୀ ଅଭିଯୋଗ କରିପାରିବେ । କିଟ୍ ଘଟଣା ପରେ ବିଦେଶୀ ଛାତ୍ରଛାତ୍ରୀ ମାନେ ଏବେ ଭୟଭୀତ ଓଡିଶା ଆସି ପଢିବାକୁ । ତେଣୁ ସରକାର ଏଦିଗରେ ପଦକ୍ଷେପ ନିଅନ୍ତୁ ବୋଲି କହିଛନ୍ତି ବିଜୟ ପଟ୍ଟନାୟକ ।

ଅଧ୍ୟାତ୍ମିକ ପୃଥ୍ୱୀର ପରିକଳ୍ପନାକୁ ବାସ୍ତବତାର ରୂପ ଦେବାକୁ ଆମର ଚେତନାରେ ପରିବର୍ତ୍ତନ ଆଣିବାକୁ ହେବ : ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୨ ଫେବୃଆରୀ - ପ୍ରଜାପିତା ବ୍ରହ୍ମକୁମାରୀ କେନ୍ଦୁଝର ଶାଖାର ପୁରୁଣା ବଜାରଠାରେ ନବନିର୍ମିତ କାର୍ଯ୍ୟାଳୟ ସୁଖ ଶାନ୍ତି ସରୋବରକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉଦଘାଟନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ସୁନ୍ଦର, ଅଧ୍ୟାତ୍ମିକ ପୃଥ୍ୱୀର ପରିକଳ୍ପନାକୁ ବାସ୍ତବିକତାର ରୂପ ଦେବାପାଇଁ ଆମର ଚେତନାରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ଏଥିପାଇଁ ସମସ୍ତଙ୍କର ସହଯୋଗ ଓ ସହଭାଗିତା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆଜି ଏପରି ଏକ ଦିନ, ଯାହା କେବଳ ଏହି ଭବ୍ୟ ନୂତନ କୋଠାର ଉଦଘାଟନ ନୁହେଁ, ବରଂ ସାରା ବିଶ୍ୱରେ ଶାନ୍ତି ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରସାର କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିପାଦନକରୁଛି । ଏହା ସହ ଆଧ୍ୟାତ୍ମିକ ଜୀବନଶୈଳୀ ଆମକୁ ସରଳ, ନିରାଡମ୍ବର ଏବଂ ମିତବ୍ୟୟୀ ହେବାକୁ ପ୍ରେରଣା ଦେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଆଧ୍ୟାତ୍ମିକ ଜୀବନଶୈଳୀ ଆମର ଅସନ୍ତୁଳିତ ଇଚ୍ଛାକୁ ନିୟନ୍ତ୍ରିତ କରିଥାଏ। ସମାଜରେ ଜାଗୃତି ଆଣି ଏକ ହୋଲିଷ୍ଟିକ ସଷ୍ଟେନିବିଲିଟି ପାଇଁ ଏହି ସଂସ୍ଥାର ଉଦ୍ୟମକୁ ପ୍ରଶଂସା କରିବା ସହ ଆଜିର ଏଇ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଯୁଗରେ ସମସ୍ତେ କର୍ମବ୍ୟସ୍ତତା ଭିତରେ କାହା ସହିତ ପଦେ ମନଭରି କଥା ହେବା ପାଇଁ ମଧ୍ୟ ଆମର ବେଳ ନଥିବାରୁ ପାରିବାରିକ ଓ ସାମାଜିକ ସମ୍ପର୍କ ଅବକ୍ଷୟଗାମୀ ହେଉଥିବା ବେଳେ ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ନୀତି ନିଷ୍ଠା ପ୍ରଚେଷ୍ଟା ପୁନର୍ବାର ସେହି ପ୍ରେମ ଶାନ୍ତି ଓ ସୌହାର୍ଦ୍ଦ୍ୟ ଫେରାଇ ଆଣିବ ବୋଲି ଆଶା ବ୍ୟକ୍ତ କରିଥିଲେ । ଉଦଘାଟିତ ହୋଇଥିବା ସୁଖ ଶାନ୍ତି ସରୋବର କୋଠା କେବଳ ଇଟା ଏବଂ ସିମେଂଟ ନୁହେଁ ବରଂ ଏହା ଜ୍ଞାନ ଏବଂ କରୁଣାର ଏକ ପବିତ୍ର ସ୍ଥାନ, ଏକ ସ୍ଥାନ ଯେଉଁଠାରେ ବ୍ୟକ୍ତିମାନେ ଆଧ୍ୟାତ୍ମିକ ସଶକ୍ତିକରଣ ମାଧ୍ୟମରେ ଶିଖିବା, ବୃଦ୍ଧି ପାଇବା ଏବଂ ସେମାନଙ୍କ ଜୀବନକୁ ପରିବର୍ତ୍ତନ କରିବା ପାଇଁ ଏକାଠି ହେବେ ବୋଲି ଶ୍ରୀ ମାଝୀ କହିଥିଲେ । ଆହୁରିମଧ୍ୟ ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ, ସମଗ୍ର ବିଶ୍ୱକୁ ଗଣିତ, ବିଜ୍ଞାନ, ସାହିତ୍ୟ ଛଡା ଭାରତର ଅନ୍ୟତମ ଅବଦାନ ଆଧ୍ୟାତ୍ମିକତାର ଜ୍ଞାନ ବଳରେ ମନୁଷ୍ୟ ଶାନ୍ତି ଓ ମୈତ୍ରୀର ପରିଭାଷା ଶିଖିପାରିଥିବା କହିବା ସହ ଆଧ୍ୟାତ୍ମିକତାର ଅନ୍ୟ ଏକ ଶାଖା ଯୋଗ ଦ୍ୱାରା ମଧ୍ୟ ଭାରତ ଆଜି ବିଶ୍ୱ ବିଦିତ ବୋଲି କହିଥିଲେ । ସେ କହିଥିଲେ ଯେ ଆଜି ସାରା ପୃଥିବୀ ପ୍ରତି ବର୍ଷ ଜୁଲାଇ ୨୧ ତାରିଖକୁ ବିଶ୍ୱ ଯୋଗ ଦିବସ ରୂପେ ପାଳନ କରୁଛି ଏବଂ ଆମ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱପ୍ନ, ୨୦୪୭ ମସିହାରେ ଯେତେବେଳେ ସମଗ୍ର ଭାରତବର୍ଷ ସ୍ୱାଧୀନତାର ୧୦୦ ବର୍ଷ ପୂର୍ତ୍ତି ପାଳନ କରୁଥିବ, ବିକଶିତ ଭାରତର ଅଜେୟ ଗାଥାରେ, ଅର୍ଥନୀତି, ରାଜନୀତି, ସାମାଜିକ ବିଜ୍ଞାନ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା, ଭଳି ଆଧ୍ୟାତ୍ମିକତା ମଧ୍ୟ ଅନନ୍ୟ ବ୍ୟାଖ୍ୟା ବହନ କରୁଥିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ । ପ୍ରଜାପିତା ବ୍ରହ୍ମାକୁମାରୀ କେନ୍ଦୁଝର ଶାଖା ଆଧ୍ୟାତ୍ମିକ କ୍ଷେତ୍ର ସହିତ ଅଂଚଳରେ ନିଶାମୁକ୍ତି ଅଭିଯାନ, ରାଜଯୋଗ, ସକାରାତ୍ମକ ଜୀବନଶୈଳୀ, ଜନସାଧାରଣଙ୍କ ଜୀବନରେ ନୈତିକତାର ସଂଚାର, ସେଲ୍ଫ ମ୍ୟାନେଜମେଂଟ, ଷ୍ଟ୍ରେସ ମ୍ୟାନେଜମେଂଟ,କୃଷି ବିକାଶ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସଚେତନତା ଓ ବୃକ୍ଷ ରୋପଣ ଭଳି ଅନେକ ଜନଉପଯୋଗୀ କାର୍ଯ୍ୟକ୍ରମ କରି ଆଜି ଆମ କେନ୍ଦୁଝର ବ୍ରହ୍ମାକୁମାରୀ ଶାଖା ଏକ ଅନନ୍ୟ ଶିଖରରେ ପହଂଚିଛି ଏବଂ ଆଗକୁ ମଧ୍ୟ ଜନଜୀବନକୁ ଉନ୍ନତ କରିବା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଶାବ୍ୟକ୍ତ କରିଥିଲେ । ଏହି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ, ତେଲକୋଇ, ଡକ୍ଟର ଫକୀର ମୋହନ ନାଏକ, ବିଧାୟକ ପାଟଣା ଶ୍ରୀ ଅଖିଳ ଚନ୍ଦ୍ର ନାଏକ, ଅଧ୍ୟକ୍ଷା, ଜିଲ୍ଲା ପରିଷଦ, କେନ୍ଦୁଝର, ଶ୍ରୀମତୀ ସାଗରିକା ସାହୁ, ଅଧ୍ୟକ୍ଷା, କେନ୍ଦୁଝରଗଡ଼ ପୌରପାଳିକା, ଶ୍ରୀମତୀ ନିକୁ ସାହୁ, ବ୍ରହ୍ମକୁମାରୀ କଟକ ସବ-ଜୋନ ନିର୍ଦ୍ଦେଶିକା ତଥା ରାଜଯୋଗିନୀ ଭଉଣୀ କମଲେଶ ଦିଦିଜୀ, ବ୍ରହ୍ମାକୁମାରୀ ସଂସ୍ଥାର ଅତିରିକ୍ତ ମୁଖ୍ୟ ତଥା ରାଜଯୋଗିନୀ ଭଉଣୀ ଜୟନ୍ତୀ ଦିଦିଜୀ ପ୍ରମୁଖ ଉପସ୍ଥିତ ଥିଲେ ।

ଉନ୍ନତ ଯକୃତ(ଲିଭର) ଚିକିତ୍ସାରେ ମାଇଲଖୁଂଟ: ଏମ୍ସ ଭୁବନେଶ୍ୱର ଲିଭର ଟ୍ରାନ୍ସପ୍ଲାଂଟେସନ୍ କ୍ଲିନିକ୍ ଉଦଘାଟିତ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଯକୃତ(ଲିଭର) ପ୍ରତିରୋପଣ ସେବା ପ୍ରତିଷ୍ଠା କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଏମ୍ସ ଭୁବନେଶ୍ୱରରେ ଏକ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ କ୍ଲିନିକ୍ ଉଦଘାଟିତ ହୋଇଯାଇଛି। ଏହା ଉନ୍ନତ ଯକୃତ ଯତ୍ନ କ୍ଷେତ୍ରରେ ଏକ ବିଶେଷ ସଂଭାବନା ସୃଷ୍ଟି କରିଛି। ଏହି ପଦକ୍ଷେପ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ଏବଂ ଓଡ଼ିଶା ତଥା ବାହାର ରାଜ୍ୟର ଯକୃତ ପ୍ରତିରୋପଣର ବର୍ଦ୍ଧିତ ଆବଶ୍ୟକତାକୁ ସମାଧାନ କରିବା ପ୍ରତି ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଏବଂ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡାଙ୍କ ଉପସ୍ଥିତିରେ ଏମ୍ସ ଭୁବନେଶ୍ୱରର ଅଧକ୍ଷ ଡ. ଶୈଳେଶ କୁମାର ଏହି କ୍ଲିନିକ୍ ଉଦଘାଟନ କରିଥିଲେ। ଏହି ବିଶେଷଜ୍ଞ କ୍ଲିନିକ୍ ଯକୃତ ଯତ୍ନ ପାଇଁ ଏକ ସଂରଚିତ ଏବଂ ବହୁବିଧ ଦୃଷ୍ଟିକୋଣ ସୁନିଶ୍ଚିତ କରି ଯକୃତ ପ୍ରତିରୋପଣ ଆବଶ୍ୟକ କରୁଥିବା ରୋଗୀଙ୍କ ମୂଲ୍ୟାଙ୍କନ, ତାଲିକାଭୁକ୍ତକରଣ ଏବଂ ଅସ୍ତ୍ରୋପଚାର ପୂର୍ବର ବିଭିନ୍ନ ଆବଶ୍ୟକତା ପୂରଣ ଦିଗରେ ବିଶେଷ ସହାୟକ ହେବ। ଏମସ୍ ଭୁବନେଶ୍ୱର ଯକୃତ ପ୍ରତିରୋପଣ ସେବା ଆରମ୍ଭ କରିବା ପାଇଁ ପ୍ରସ୍ତୁତ ହେଉଥିବାରୁ, ଅନ୍ତିମ ପର୍ଯ୍ୟାୟରେ ଉପନୀତ ଯକୃତ ପୀଡ଼ିତ ରୋଗୀଙ୍କ ମୂଲ୍ୟାଙ୍କନ ଏବଂ ତାଲିକାଭୁକ୍ତ କରିବା ପାଇଁ ଏକ ଉତ୍ସର୍ଗୀକୃତ କ୍ଲିନିକ୍ ର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପଦକ୍ଷେପ ଯକୃତ ଯତ୍ନରେ ଥିବା ବ୍ୟବଧାନକୁ ପୂରଣ କରିବ ଏବଂ ଅଗଣିତ ରୋଗୀଙ୍କ ପାଇଁ ଆଶାର କିରଣ ପ୍ରଦାନ କରିବା ନେଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡକ୍ଟର ଆଶୁତୋଷ ବିଶ୍ୱାସ କହିଛନ୍ତି। ଯକୃତ ପ୍ରତିରୋପଣ କ୍ଲିନିକ୍ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଂଟରୋଲୋଜି, ଗ୍ୟାଷ୍ଟ୍ରୋଏଂଟରୋଲୋଜି, ଶିଶୁ ଶଲ୍ୟଚିକିତ୍ସା ଏବଂ ଶିଶୁ ରୋଗ ବିଭାଗ ଦ୍ୱାରା ମିଳିତ ଭାବରେ ପରିଚାଳିତ ହେବ। ଜଣେ ଉତ୍ସର୍ଗୀକୃତ ଯକୃତ ପ୍ରତିରୋପଣ ସଂଯୋଜକ ଏବଂ ପୁଷ୍ଟିସାଧନ ବିଶେଷଜ୍ଞ ମଧ୍ୟ କ୍ଲିନିକ୍ ସହିତ ସାମିଲ ହୋଇ, ରୋଗୀ ଏବଂ ସେମାନଙ୍କ ପରିବାର ପାଇଁ ସାମଗ୍ରିକ ଯତ୍ନ ସୁନିଶ୍ଚିତ କରିବେ। ଏହି କ୍ଲିନିକ୍ ଓଡ଼ିଶା ଏବଂ ପଡ଼ୋଶୀ ରାଜ୍ୟର ରୋଗୀମାନଙ୍କୁ ସେବା ଯୋଗାଇବ, ବ୍ୟାପକ ମୂଲ୍ୟାଙ୍କନ ଏବଂ ଚିକିତ୍ସା ପ୍ରଦାନ କରିବ। ଏହାର ପ୍ରାଥମିକ କାର୍ଯ୍ୟ ମଧ୍ୟରେ ଯକୃତ ପ୍ରତିରୋପଣ ପାଇଁ ରୋଗୀଙ୍କ ମୂଲ୍ୟାଙ୍କନ, ପ୍ରତିରୋପଣ ପାଇଁ ରୋଗୀଙ୍କ ତାଲିକାଭୁକ୍ତ କରିବା, ଦାତା ଏବଂ ଗ୍ରହଣକାରୀ ଉଭୟଙ୍କ ପାଇଁ ପୂର୍ବ ଅସ୍ତ୍ରୋପଚାର ପ୍ରସ୍ତୁତି, ପୁଷ୍ଟିକର ଏବଂ ପ୍ରତିରୋପଣ ପରାମର୍ଶ, ଏବଂ ଯକୃତ ପ୍ରତିରୋପଣର ବିପଦ ଏବଂ ଲାଭ ବିଷୟରେ ସୂଚନା ପ୍ରଦାନ କରିବ। ଏହି ସ୍ୱତନ୍ତ୍ରକ୍ଲିନିକ୍ ପ୍ରତି ମଙ୍ଗଳବାର ଦିନ ୨:୩୦ ରୁ ୪:୩୦ ପର୍ଯ୍ୟନ୍ତ ଗ୍ୟାଷ୍ଟ୍ରୋ ଓପିଡି କମ୍ପ୍ଲେକ୍ସର କୋଠରୀ ନମ୍ବର ୨୨୨ ରେ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଡ. ମାନସ ପାଣିଗ୍ରାହୀ (ବିଭାଗୀୟ ମୁଖ୍ୟ, ଗ୍ୟାଷ୍ଟ୍ରୋ ଏଂଟରୋଲୋଜି), ଡ. ବ୍ରହ୍ମଦତ୍ତ ପଟ୍ଟନାୟକ (ବିଭାଗୀୟ ମୁଖ୍ୟ, ସର୍ଜିକାଲ୍ ଗ୍ୟାଷ୍ଟ୍ରୋ ଏଂଟରୋଲୋଜି), ଡ. ସଞ୍ଜୟ ଗିରି (ବିଭାଗୀୟ ମୁଖ୍ୟ, ବର୍ଣ୍ଣସ ଏଣ୍ଡ ପ୍ଲାଷ୍ଟିକ ସର୍ଜରୀ), ଡ. ସୁବ୍ରତ ସାହୁ (ଶିଶୁ ଶଲ୍ୟଚିକିତ୍ସା), ଡ. ତାରାପ୍ରସାଦ ତ୍ରିପାଠୀ ଏବଂ ଡ. ରଞ୍ଜନ ପଟେଲ (ରେଡିଓଲୋଜି) ସମେତ ଅଧ୍ୟାପକ ଅଧ୍ୟାପିକା, ନର୍ସିଂ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

କିଟ୍ କାଣ୍ଡ- ସମନ କରାଯାଇଥିବା ଲୋକଙ୍କର କରାଯାଇଛି ବୟାନ ରେକର୍ଡ- ସୂର୍ଯ୍ୟବଂଶୀ ସୁରଜ

ଭୁବନେଶ୍ୱର, ୨୩/୨ (ନି.ପ୍ର): କିଟ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରଙ୍କୁ ମାଡ଼ ମାରିବା ଘଟଣାରେ ପ୍ରତିକ୍ରିୟା ରଖିଛନ୍ତି ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଉଚ୍ଚ ସ୍ତରୀୟ କମିଟି ଛାତ୍ରୀ ମୃତ୍ୟୁ ଏବଂ ପରବର୍ତ୍ତୀ ଅଭାବନିୟ ସ୍ଥିତି ନେଇ ଯେଉଁ ଯେଉଁ ଲୋକଙ୍କୁ ସମନ କରାଯାଇଥିଲା ସେମାନଙ୍କର ପାଖରୁ କଥା ଶୁଣିଛନ୍ତି । ଉଚ୍ଚ ସ୍ତରୀୟ କମିଟି ଯାହା ଯାହା ପଚାରିଥିଲେ ତାହା ରେକର୍ଡ କରାଯାଇଛି । ହାଇଲେବୁଲ ଟିମ ଯାହା ଅନୁଭବ କରିବେ ସେହି ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କୁ ସ୍ମରଣ କଲେ ମୁକେଶ ମହାଲିଙ୍ଗ

ଭୁବନେଶ୍ୱର, ୨୩/୨ (ନି.ପ୍ର): ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ସ୍ମୃତିଚାରଣ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ । ଏକ୍ସ ହ୍ୟାଣ୍ଡେଲରେ ମନ୍ତ୍ରୀ କହିଛନ୍ତି ଯେ, ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଜୀବନ ଏବଂ ତ୍ୟାଗ ଆମ ସମସ୍ତଙ୍କ ପାଇଁ ପ୍ରେରଣା। ତାଙ୍କ ନେତୃତ୍ୱରେ ଓଡ଼ିଶାର ଅନେକ ସାମାଜିକ ବିକାଶ ହୋଇଥିଲା। ଆଜି ତାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଅବଦାନକୁ ମନେପକାଇ ତାଙ୍କ ଆଦର୍ଶ ଏବଂ ଉତ୍ସର୍ଗକୁ ଅନୁସରଣ କରିବା।

ରେଳ ଭିତ୍ତିଭୂମି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ ପିଏମ ମୋଦି ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩/୨ (ନି.ପ୍ର): ରେଳ ଭିତ୍ତିଭୂମି ପ୍ରକଳ୍ପକୁ

ବେତନଟୀ ଆରଡି ବିଭାଗର ଦାୟିତ୍ୱହୀନତା ଯୋଗୁଁ ଶୈବପୀଠ ମାଣତ୍ରୀ-ବେତନଟୀ ପ୍ରଧାନମନ୍ତ୍ରୀ ସଡ଼କ ଅବସ୍ଥା ଶୋଚନୀୟ

ବେତନଟୀ,୨୩।୦୨(ନି.ପ୍ର): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ୱପ୍ନର ବାସ୍ତବ ଯୋଜନା ହେଲା ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା।ଏହି ଯୋଜନାକୁ ଗ୍ରାମାଞ୍ଚଳ ବାସୀଙ୍କ ପାଇଁ ଯୋଗା ଯୋଗ କ୍ଷେତ୍ରରେ ସଫଳ ଯୋଜନା ବୋଲି କୁହାଯାଇ ପାରେ। ଯାହା କଂଗ୍ରେସ ସରକାରଙ୍କ ଶାସନକାଳ ଅବଧି ମଧ୍ୟରେ ଜାତୀୟ ରାଜପଥ ରୁ ଗ୍ରାମାଞ୍ଚଳ କୁ ସଂଯୋଗ କରାଯାଇ ପାରି ନ ଥିଲା। ଏହି ଭଳି ଏକ ବୃହତ ଜନ କଲ୍ୟାଣକାରୀ କେନ୍ଦ୍ର ସରାକାରଙ୍କ ଯୋଜନାରେ ବେତନଟୀ ଆରଡି ସବ ଡିଭିଜନ ଏବଂ ୧୮ ନମ୍ବର ଜାତୀୟ ରାଜପଥ ରୁ ଉତ୍ତର ଓଡିଶାର ପ୍ରସିଦ୍ଧ ଶୈବପୀଠ ମାଣତ୍ରୀ କୁ ମାତ୍ର ୧୨ କିମି ରାସ୍ତା ଗତ ଚାରି ବର୍ଷ ତଳେ ନିର୍ମାଣ କରାଯାଇଥିଲା। କିନ୍ତୁ ବିଭାଗୀୟ ଇଞ୍ଜିନିୟର ଓ କାମ ନେଇଥିବା ଠିକାଦାର ଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ପାଇଁ ଏହି ଗୁରୁତ୍ୱ ପୂର୍ଣ୍ଣ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ରାସ୍ତା ଟି ଗତ ଦେଢ ବର୍ଷ ହେଲାଣି ନିକୃଷ୍ଟ ମାନର କାମ ପାଇଁ ସଂପୂର୍ଣ୍ଣ ନଷ୍ଟ ହୋଇ ପଡିଛି।ତେଣୁ ଯିବା ଆସିବା ପାଇଁ ଯାନ ବାହାନ ଚଳାଚଳ ରେ ଗୁରୁତର ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଏହି ରାସ୍ତାଟି ମାଣତ୍ରୀ ରୁ ଭୀମଦା ଦେଇ ପଡ଼ୋଶୀ ବାଲେଶ୍ୱର ଜିଲ୍ଲା ହେଡ କ୍ୱାଟର କୁ ଭାୟା ଜୟପୁର ଦେଇ ଏବଂ ଉଦଳା କରଞ୍ଜିଆ ସହିତ କେଉଁଝର ଜିଲ୍ଲା କୁ ସଡକ ପଥରେ ସଂଯୋଗ କରୁଥିବା ହେତୁ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ବ୍ୟତୀତ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଣତ୍ରୀ ଠାରେ ପ୍ରାଚୀନ ଶୈବପୀଠ ହଜାରେ ବର୍ଷରୁ ଉର୍ଦ୍ଧ୍ୱ ଥିବା ହେତୁ ପ୍ରତିବର୍ଷ ଶିବରାତ୍ରୀ ମେଳା ପ୍ରତ୍ୟେକ ବର୍ଷ ଦୀର୍ଘ ପନ୍ଦର ଦିନ ଧରି ବସୁଥିବାରୁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତ ମାନଙ୍କର ସମାଗମ ହୋଇଥାଏ।ଏହି ରାସ୍ତା ଟି ଠିକାଦାର ଙ୍କ ଅତି ନିକୃଷ୍ଟ ମାନର କାମ ଯୋଗୁଁ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲେ ସୁଦ୍ଧା ଗ୍ୟାରେଣ୍ଟି ପିରିୟଡ ମଧ୍ୟରେ ମରାମତି ନ କରିବାରୁ ଏହି ୧୨ କିମି ରାସ୍ତାରେ ବାର ଶହରୁ ବାଇଶ ଶହ କି ତଦୁର୍ଦ୍ଧ ଗାତ ଖାଲ ଖମା ସୃଷ୍ଟି ହୋଇଅଛି।ଏହି ରାସ୍ତା ଟି ଯେତିକି ଓସାର କରାଯିବା କଥା କରା ନ ଯାଇ ଥିବାରୁ ପ୍ରତିଦିନ ରାସ୍ତାରେ ଦୁର୍ଘଟଣା ମାନ ଘଟି ଯାନ ବାହାନ ଚାଳକ ମାନେ ଆହତ ହେଉଛନ୍ତି। ମାତ୍ର ବିଜେଡି ସରକାରର ଶାସନ କାଳ ମଧ୍ୟରେ ବେତନଟୀ ଉପଖଣ୍ଡ କାର୍ଯ୍ୟାଳୟ ରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପଦ ଖାଲି ପଡିଥିବା ହେତୁ ଏବଂ ଇନଚାର୍ଯ ଅଧିକାରୀଙ୍କ ଦାୟିତ୍ୱ ହୀନତାରୁ ପ୍ରଧାନ ମନ୍ତ୍ରୀ ଙ୍କ ନାମରେ ଯୋଜନା ହୋଇଥିଲେ ବି ଏ ରାସ୍ତା ଟି ବାପା ମା ଛେଉଣ୍ଡ ଭଳି ଅବହେଳିତ ହୋଇପଡିଛି। ଯାହାକି ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଭଳି ଜଣେ ଲୋକ ପ୍ରିୟ ପ୍ରଧାନମନ୍ତ୍ରୀ ଙ୍କ ଯୋଜନା ଓ ନାମକୁ ନିନ୍ଦିତ କରୁଛି । ଏହି ରାସ୍ତାଟି ଏପ୍ରିଲ ୨୦୧୭ ରେ ୧୨ କୋଟି ୨୩ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟରେ ଆରମ୍ଭ ହୋଇ ୨୦୧୮ ରେ କାର୍ଯ୍ୟ ଶେଷ ହେବାର ଧାର୍ଯ୍ୟ ହୋଇ ଥିଲେ ବି ୨୦୨୦ ରେ ଶେଷ ହୋଇଥିଲା କିନ୍ତୁ ଏହି ରାସ୍ତାଟି ମାତ୍ର କେତୋଟି ବର୍ଷ ବି ଗଲାନାହିଁ।ବିଭାଗୀୟ ଅଧିକାରୀ ମାନେ ସଠିକ ଭାବରେ କାର୍ଯ୍ୟ କୁ ତଦାରଖ ନକରୁଥିବାରୁ ସାଧାରଣ ଜନତା ଏହି ସମସ୍ୟାର ସାମନା କରୁଛନ୍ତି।

ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ସଫଳ ରୂପାୟନ ପାଇଁ ସ୍ୱତନ୍ତ୍ର ବୈଠକ

ନୀଳଗିରି,୨୩।୦୨(ନି.ପ୍ର): ରାଜ୍ୟକୁ ବିକାଶପଥରେ ଅଗ୍ରସର କରି ଏକ ସମୃଦ୍ଧ, ବିକଶିତ ରାଜ୍ୟରେ ପରିଣତ କରିବାପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ସାରା ରାଜ୍ୟରେ ପ୍ରଚଳନ କରାଯାଇଛି। ପ୍ରତି ଗ୍ରାମର ବହୁମୁଖୀ ବିକାଶ ସହିତ ଅଭିବୃଦ୍ଧି, ଗ୍ରାମୀଣ ଭିତ୍ତିଭୂମିର ବିକାଶ ହେଲେ ସମଗ୍ର ରାଜ୍ୟ ଏବଂ ରାଜ୍ୟବାସୀଙ୍କ କଲ୍ୟାଣ ହେବ। ଏହି ଯୋଜନା କିପରି ତୃଣମୂଳ ସ୍ତରରେ ପହଞ୍ଚି ଏହାର ତ୍ୱରିତ କ୍ରୀୟାନ୍ୱୟନ ହୋଇପାରିବ ସେହି ଉଦ୍ଦେଶ୍ୟରେ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାରେ ଯୋଜନାର ସଫଳ ରୂପାୟନ ପାଇଁ ରବିବାର ପୂର୍ବାହ୍ନ ୧୦.୩୦ସମୟରେ ନୀଳଗିରି ପଞ୍ଚାୟତସମିତି ସଭାଗୃହରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତସମିତି ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ, ଉପାଧକ୍ଷ ଜନ୍ମେଜୟ ପୋଥାଳ, ସାଂସଦ ପ୍ରତିନିଧି କରୁଣାକର ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟା ଗତିକୃଷ୍ଣ ନନ୍ଦ, ରଞ୍ଜିତା ସିଂ, ସୁବର୍ଣ୍ଣା ମଞ୍ଜରୀ ସିଂ, ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ସରୋଜ କୁମାର ଉପାଧ୍ୟାୟ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୧୪ଗୋଟି ବୈଶିଷ୍ଟ୍ୟକୁ ଆଧାର କରି କାର୍ଯ୍ୟକାରୀ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ବିଧାୟକ ଶ୍ରୀଯୁକ୍ତ ଖଟୁଆ ନିଜ ମନ୍ତବ୍ୟରେ ପ୍ରକାଶ କରିଥିଲେ। ମୁଖ୍ୟତଃ ଗ୍ରାମାଞ୍ଚଳରେ ନଳା ପୋଲ, ଫେର୍ବ, ଅନ୍ତ ସଂଯୋଗିକରଣ, ଜଙ୍ଗଲରେ ଅବସ୍ଥିତ ଜନବସତି ମାନଙ୍କରେ ରାସ୍ତାକୁ ମେଟଲିଂ, ଡ୍ରେନେଜ, କମ୍ୟୁନିଟି ସେଣ୍ଟର, କଲ୍ୟାଣମଣ୍ଡପ, ପାଠାଗାର, ଖେଳ ପଡିଆ ଠାରୁ ଶ୍ରେଣୀଗୃହ, ଧର୍ମପୀଠ, ଭୋଗମଣ୍ଡପ, ଶୌଚାଳୟ, ଜଳଯୋଗାଣ ଆଦି ବହୁମୁଖୀ ବିକାଶ ସହିତ ଉନ୍ନତି ନିମନ୍ତେ ଯୋଜନାରହିଛି। ଏଥିସହିତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଇଣ୍ଟରନେଟ ସୁବିଧା, ପର୍ଯ୍ୟଟନ ବିକାଶ ଉପରେ ସରକାର ଗୁରୁତ୍ୱାରୋପ କରିଥିବା ଆଲୋଚନା ହୋଇଥିଲା।

ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତକରଣ କାର୍ଯ୍ୟକ୍ରମ

ଭବାନୀପାଟଣା,୨୩।୦୨(ନି.ପ୍ର): ଜିଲ୍ଲା ସଂଚୟ ଓ ଆର୍ଥିକ ସେବା ବିଭାଗ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଆର୍ଥିକ ସଚେତନତା ଓ ଆର୍ଥିକ ଅନ୍ତର୍ଭୁକ୍ତକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଯୋଗଦେଇ କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ। ସହକାରୀ ନିର୍ଦ୍ଦେଶକ ଜିଲ୍ଲା ଆର୍ଥିକ ସେବା ଓ ସ୍ୱଳ୍ପ ସଂଚୟ ବିବେକାନନ୍ଦ ମହାନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିଭିନ୍ନ ସ୍ୱଳ୍ପ ସଂଚୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ପୋଷ୍ଟାଲ ସୁପରିଟେଣ୍ଡେଂଟ ସୁଶାନ୍ତ ପାଣିଗ୍ରାହୀ ଚିଟଫଣ୍ଡ କମ୍ପାନୀରେ ଟଙ୍କା ବିନିଯୋଗ କରିବାର ଅପକାରିତା, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ଜୀବନ ବୀମା ଅଟଳ ପେନସନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ **asst.postal superintendent** ବି କେ ପଟ୍ଟନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସୀଙ୍ଗ ରାଉତ, ବରିଷ୍ଠ ସାମ୍ବାଦିକ କାର୍ତିକେଶ୍ୱର ନନ୍ଦ, ପି. ଏଲ୍ ଉନ୍ନୟନ ଅଧିକାରୀ, ଅଭିଷେକ ପଣ୍ଡା ଙ୍କ ସମେତ ମିଶନ ଶକ୍ତି ମଣ୍ଡଳୀ ଓ ଅଙ୍ଗନବାଡି କର୍ମକର୍ତା ସମେତ ୧୧୦ ଜଣ କର୍ମୀ ଯୋଗଦେଇଥିଲେ ।

ରାସ୍ତା ପାର୍ ବେଳେ ବାଇକ୍ ଧକ୍କାରେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ

ବଲାଙ୍ଗିର,୨୩।୦୨(ନି.ପ୍ର): ଆଜି ସକାଳେ ସାମ୍ବାଦିକ ଭବନ ଆଗରେ ଥିବା ରାସ୍ତା ପାର ହେଉଥିବା ବେଳେ ବାଇକ୍ ଧକ୍କାରେ ଜଣେ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ତାଲପାଲିପଡାର ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀ ଅକ୍ଷୟ ମିଶ୍ର (୭୫)। ଘରେ ପୂଜା ଥିବାରୁ ନିଜ କାର ରେ ବଜାରକୁ ସଉଦା କିଣିବାକୁ ଯାଇଥିଲେ ଅକ୍ଷୟ। ବଲାଙ୍ଗିର ସିଭିଲ କୋର୍ଟ ଆଗରେ ଗାଡି ରଖି ରାସ୍ତା ଆରପଟେ ଥିବା ପରିବା ବିକାଳୀ ପାଖକୁ ଶାଗ କିଣିବାକୁ ରାସ୍ତା ପାର୍ ହେଉଥିବା ବେଳେ କଲେଜ ପଟରୁ ଦ୍ରୁତ ଗତିରେ ଆସୁଥିବା ବାଇକ୍ ତାଙ୍କୁ ଧକ୍କା ଦେଇଥିଲା । ସେ ରାସ୍ତା ଉପରେ ଗୁରୁତର ହୋଇ ଲହୁଲୁହାଣ ହୋଇ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭୀମ ଭୋଇ ମେଡିକାଲକୁ ନେଇଥିଲେ। ହେଲେ ସେଠାର ଡ଼ାକ୍ତର ତାଂକୁ ମୃତ ଘୋଷଣା କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଂଚି ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ବାଇକ୍ ଚାଳକ ମଧ୍ୟ ଆଘାତପ୍ରାପ୍ତ ହୋଇଛନ୍ତି।

ସାରସକ୍ଷେତ୍ର ଶ୍ରୀଜଗନ୍ନାଥ ପୀଠର ବିଶ୍ୱଶାନ୍ତି ମହାଯଜ୍ଞ ଓ ୨୩ତମ ପ୍ରତିଷ୍ଠା ଉତ୍ସବ ଉଦଯାପିତ

ବାରିପଦା,୨୩।୦୨(ନି.ପ୍ର): ସାରସକଣା ଶ୍ରୀଜଗନ୍ନାଥ ପୀଠ ସାରସକ୍ଷେତ୍ରରେ ତା:୧୯.୨.୨୦୨୫ରୁ ଆରମ୍ଭ ହୋଇଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ଏବଂ ପୀଠସ୍ଥିତ ଅନ୍ୟ ଦେବାଦେବୀଙ୍କ ଦେଉଳ ପ୍ରତିଷ୍ଠାର ୨୩ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ହରିନାମ ସଂକୀର୍ତ୍ତନ ତା :୨୨.୨.୨୦୨୫ ଅପରାହ୍ନ ଘ୪.୩୦ଟିକା ଉଦଯାପନ ହୋଇଯାଇଛି। ପୂର୍ବରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନଙ୍କ ଠାରୁ ପ୍ରାପ୍ତହୋଇ ନତ୍ୟ ଧୂପଦୀପ ନିବେଦନ ପୂର୍ବକ ସାରସକ୍ଷେତ୍ରର କଳ୍ପବଟ ପିଣ୍ଡି ଉପରେ ଯନ୍ ସହକାରେ ରଖାଯାଇଥିବା ଜଗତଜନନୀ ମା'ସୁଭଦ୍ରାଙ୍କ ଦେବଦଳନ ରଥଚକକୁ ସମାରୋହର ତୃତୀୟ ଦିବସ ତା:୨୧.୨.୨୦୨୫ରେ ସର୍ବସାଧାରଣଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ଲାଗି ପୀଠ ପରିଚାଳନା କର୍ତ୍ତୃପକ୍ଷଙ୍କ ନିର୍ମିତ କଂକ୍ରିଟଛାତର ଏକ ଖୋଲା ମଣ୍ଡପରେ ପୁରୋହିତଙ୍କ ଦ୍ୱାରା ସ୍ଥାପନ ହୋଇଥିଲା। ଆଧାତ୍ମିକ କାର୍ଯ୍ୟକ୍ରମର ଅନ୍ତିମ ଦିବସ ପ୍ରାତଃ ସୂର୍ଯ୍ୟପୂଜା ଉପରାନ୍ତେ ଯଜମାନ ପ୍ରତିନିଧି ଭାବେ ସଂକଳ୍ପରେ ବସୁଥିବା ବ୍ରତଚାରି ଓ ବ୍ରତଚାରିଣୀ ଦମ୍ପତି ଶ୍ରୀ/ଶ୍ରୀମତୀ ସୁବ୍ରତ କୁମାର ଦତ୍ତ ଓ କନକଲତା, ନବକିଶୋର ସେଠୀ ଓ ମଞ୍ଜୁଲତା, ପୁଲକ କୁମାର ସାହୁ ଓ କନକଲତା, ଅତୁଲ ଚନ୍ଦ୍ର ଦାସ ଓ ଲିପାରାଣୀ ଏବଂ ଡ଼.ଉପେନ୍ଦ୍ର ନାଥ ସାହୁ ଓ ଡ.ଅନ୍ନପୂର୍ଣ୍ଣାଙ୍କ ଶ୍ରଦ୍ଧାଉପସ୍ଥିତିରେ ବେଦଜ୍ଞ ପଣ୍ଡିତ ତଥା ଦେଉଳ ପୁରୋହିତ ଶଙ୍କର୍ଷଣ ତ୍ରିପାଠୀ, ଅକ୍ଷୟ କୁମାର କର, ଲମ୍ବୋଦର ମିଶ୍ର, ବିଭୁତି ଭୁଷଣ ମିଶ୍ର, ସତ୍ୟ ନାରାୟଣ ଦାଶ, ଦିବ୍ୟ ସୁନ୍ଦର କର ଓ ମନୋଜ ରଞ୍ଜନ ଦାଶ ପ୍ରମୁଖ ମହାଯଜ୍ଞର ପୂର୍ଣ୍ଣାହୁତି ପାଇଁ ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ହଜାରେଆଠ ଆହୁତି ପ୍ରଦାନ କରିବା ସଙ୍ଗେ ଅଞ୍ଚଳରେ ବିରାଜମାନ ଦେବୀ ଦେବତାଙ୍କୁ ଘୃତାହୁତି ଅର୍ପଣ ପୂର୍ବକ ସଂସାରର ମଙ୍ଗଳ ମନାସି ଥିଲେ। ପରିବାରିକ ସୁଖସ୍ୱାଚ୍ଛନ୍ଦ ପାଇଁ ଯଜ୍ଞରେ ଘିଅ , ନାରିକେଳ ଆଦି ସମର୍ପିଥିବା ଭକ୍ତଗଣଙ୍କ ନାମ ଗୋତ୍ରାଦି ଉଚ୍ଚାରଣ ପୂର୍ବକ ପୁରୋହିତଗଣ ହବ୍ୟସାମଗ୍ରୀମାନ ପବିତ୍ର ଯଜ୍ଞାଗ୍ନିକୁ ସମର୍ପଣ କରିଥିଲେ। ଉଦଯାପନୀ ଦିବସର ମଧ୍ୟାହ୍ନ ଗତେ ପ୍ରତ୍ୟେକ ବର୍ଷଭଳି ଏବର୍ଷ ମଧ୍ୟ ପୀଠ ତରଫରୁ ଆଧାତ୍ମିକ କାର୍ଯ୍ୟରେ ଯୋଗ ଦେଇଥିବା ସହସ୍ରାଧିକ ଭକ୍ତଜନଙ୍କୁ ମୟୂରଭଞ୍ଜର ସୁମିଷ୍ଟ ଦଳାଖେରୁଡି, ମୁଗବଡା ତରକାରୀ ଓ ଖଟା ଆଦିର ଅନ୍ନଭୋଗ ବିତରଣ ହୋଇଥିଲା। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ, ମା'ସୁଭଦ୍ରା ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶରତପାଳ କଲେଜର ଜାତୀୟ ସେବା ଯୋଜନାର ଶିକ୍ଷାର୍ଥୀ ଏବଂ ଶିକ୍ଷାନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀ, ଗୁରୁଜୀ ଗୁରୁମା' ଓ ସର୍ବୋପରି ଅଧ୍ୟାପକ ମାନସ ରଞ୍ଜନ ପତି ଓ ଅଧ୍ୟାପିକା ସୁଜାତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଚାରିଦିନିଆ ସମାରୋହର ଶୃଙ୍ଖଳା ରକ୍ଷା ହୋଇଥିଲା। ଉତ୍ସବ ଆୟୋଜନରେ ପ୍ରତ୍ୟକ୍ଷ ସହଯୋଗ ବାଢ଼ିଥିଲେ ସାରସକଣା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାର ସମିତି, ସାରସକ୍ଷେତ୍ର ମନ୍ଦିର ପରିଚାଳନା କମିଟି ଏବଂ ସ୍ଥାନୀୟ ଜୟଦୁର୍ଗା ଯୁବକ ସଂଘର ସଦସ/ ସଦସ୍ୟା ଓ କାର୍ଯ୍ୟକର୍ତ୍ତା ସର୍ବଶ୍ରୀ ଅନ୍ତର୍ଯ୍ୟାମୀ ସାହୁ, ମନୋଜ କୁମାର ସାହୁ, ଜଗନ୍ନାଥ ସାହୁ, ସୁନୀଲ କୁମାର ସାହୁ, ପ୍ରଦୀପ କୁମାର ପାଲିତ, ବାସୁଦେବ ସାହୁ, ଯତୀନ ଚନ୍ଦ୍ର ସାହୁ, ତପନ କୁମାର ସାହୁ, ରବୀନ୍ଦ୍ର ନାଥ ଭୋଳ, ପ୍ରଶାନ୍ତ କୁମାର ସାହୁ, ବିନୋଦ ଚନ୍ଦ୍ର ସାହୁ, ନିମାଇଁ ଦଣ୍ଡପାଟ, ସୁଧୀର ଚନ୍ଦ୍ର ସାହୁ, ଶ୍ରୀମତୀ ପ୍ରତିଭା ସାହୁ ଓ ହିମାଂଶୁ ଶେଖର ସାହୁ ପ୍ରମୁଖ। ଉତ୍ସବ ସଫଳ ଆୟୋଜନରେ ଆତ୍ମୀକ ଓ ନିଷ୍ଠାପର ଭୂମିକା ନିର୍ବାହ କରିଥିବା ପ୍ରତ୍ୟେକ ଜଗନ୍ନାଥପ୍ରମୀ ଶ୍ରଦ୍ଧାଳୁଙ୍କୁ ମନ୍ଦିର ପରିଚାଳନା ଟ୍ରଷ୍ଟ୍ ତରଫରୁ ଟ୍ରଷ୍ଟି ପଦ୍ମନାଭ ସାହୁ ହାର୍ଦ୍ଦିକ ଶୁଭକାମନା ଓ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ମନ୍ କୀ ବାତରେ ମେଦବହୁଳକୁ ନେଇ...

ଦୂର କରିବା ଖାଲି ବ୍ୟକ୍ତିଗତ ରୁଚି ନୁହେଁ ବରଂ ପରିବାର ପ୍ରତି ଆମର ଏକ ଦାୟିତ୍ୱ ମଧ୍ୟ । ଖାଦ୍ୟପେୟରେ ତେଲର ବହୁଳ ବ୍ୟବହାର ହୃଦରୋଗ, ମଧୁମେହ ଏବଂ ଉଚ୍ଚ ରକ୍ତଚାପ ଭଳି ଅନେକ ରୋଗର କାରଣ ହୋଇପାରେ । ନିଜ ଖାଦ୍ୟପେୟରେ ଛୋଟ ଛୋଟ ପରିବର୍ତ୍ତନ କରି ଆମେମାନେ ଆମର ଭବିଷ୍ୟତକୁ ସୁଦୃଢ଼, ସୁସ୍ଥ ତଥା ରୋଗମୁକ୍ତ କରିପାରିବା । ସେଥିପାଇଁ ଆଉ ଡେରି ନ କରି ଏ ଦିଗରେ ଆମକୁ ପ୍ରୟାସ କରିବାକୁ ପଡ଼ିବ । ଏହାକୁ ଆମେ ଜୀବନରେ ପ୍ରତିଫଳିତ କରିବା ଉଚିତ । ଆମେ ସମସ୍ତେ ମିଶି ଖେଳ ଖେଳରେ ଏହାକୁ ବହୁତ ପ୍ରଭାବଶାଳୀ ଢଙ୍ଗରେ କରିପାରିବା । ଯେମିତିକି ମୁଁ 'ମନ୍ କି ବାତ୍'ର ଆଜିର ଅଧ୍ୟାୟ ପରେ ୧୦ ଜଣ ଲୋକଙ୍କୁ ଅନୁରୋଧ କରିବି, ଆହ୍ୱାନ କରିବି କି ଆପଣମାନେ ନିଜ ଖାଦ୍ୟରେ ତେଲକୁ ୧୦ ପ୍ରତିଶତ କମ୍ କରିପାରିବେ କି ? ତା'ସଙ୍ଗେ ସଙ୍ଗେ ଏକଥା ମଧ୍ୟ ଅନୁରୋଧ କରିବି ଯେ ଆପଣ ମଧ୍ୟ ଆହୁରି ୧୦ ଜଣ ଲୋକଙ୍କୁ ଏହିଭଳି ଆହ୍ୱାନ ଦିଅନ୍ତୁ । ମୋର ବିଶ୍ୱାସ, ଏହାଦ୍ୱାରା ମେଦବହୁଳତା ସହିତ ଲଢ଼ିବା ବହୁତ ସହଜ ହେବ ।

ବାଲେଶ୍ୱର ଲେଖିକା ସଂସଦର....

ଲେଖିକାମାନେ ସମାଜର ପ୍ରଗତିର ବାହକ ହୁଅନ୍ତୁ । ବିଶ୍ୱ ଇତିହାସରେ ଅନେକ ନାରୀ ନିଜ ଲେଖନୀ ମାଧ୍ୟମରେ ପୃଥିବୀ ପୃଷ୍ଠରେ ଅନେକ ପରିବର୍ତ୍ତନ, ସଂସ୍କାର ଓ ଆନ୍ଦୋଳନ ଆଣିଛନ୍ତି। ନାରୀମାନେ କେବଳ ପରିବାର ନୁହେଁ ବରଂ ଦେଶ ତଥା ବିଶ୍ୱକୁ ସୁନ୍ଦର ଭାବେ ଗଠନ କରିବାର ବାର୍ତାବହ ହୋଇଥାନ୍ତି । ତେଣୁ ଅଧିକରୁ ଅଧିକ ନାରୀମାନେ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରି ପରୋକ୍ଷରେ ଦେଶ ଗଠନରେ ସହଯୋଗ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶ୍ରୀମତୀ ଗୋଲାପ ମଞ୍ଜରୀ କର, ଶ୍ରୀମତୀ ରତ୍ନପ୍ରଭା ବାଇ ଓ ଶ୍ରୀମତୀ ଅଞ୍ଜଳି ପଣ୍ଡାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରଥମ ଅଧିବେଶନରେ ଏକ ମନୋଜ୍ଞ କବିତା ପାଠ ଉତ୍ସବ ଆୟୋଜିତ ହୋଇଥିଲା । ଏଥିରେ ସଭାମୁଖ୍ୟ ଭାବେ ଶ୍ରୀମତି ଅଂଜଳି ପଣ୍ଡା ଯୋଗ ହେଇଥିବା ବେଳେ ଶ୍ରୀମତୀ ଚିତ୍ରା ପାତ୍ର, ଶ୍ରୀମତୀ ତାନଶ୍ରୀ ପାଣିଗ୍ରାହୀ, ଶ୍ରୀମତୀ ମନସ୍ୱିନୀ ଦେବୀ ଯୋଗ ଦେଇଥିଲେ । ସୁଶ୍ରୀ ସତ୍ୟଭାମା ମୁଦୁଲି କାର୍ଯ୍ୟକ୍ରମ୍ର ସଂଯୋଜନା କରିଥିବା ବେଳେ ଶେଷରେ ଓଡ଼ିଶା ଲେଖିକା ସଂସଦର ସହଆବାହିକା ମନସ୍ୱିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିଣେ ବାଲେଶ୍ୱରର ବହୁ ଲେଖକ ଲେଖିକା ଯୋଗଦାନ କରିଥିଲେ ।

ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ୫

ସୋମବାର, ଫେବୃଆରୀ ୨୪, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ବିଷ୍ଣୁପୁରରେ ଭୁବନେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା

ବାଲିଆପାଳ,୨୧/୨(ନି ପ୍ର) ବାଲିଆପାଳ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମରେ ଶ୍ରୀ ଶ୍ରୀ ଭୁବନେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଏଗାରଟାରେ ମନ୍ଦିର ପ୍ରାଙ୍ଗଣରରେ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଗୁରୁବାର ଗ୍ରାମର ଶତାଧିକ ମହିଳା ସୁବର୍ଣ୍ଣରେଖା ନଦୀରୁ କଳସ ଶୁଭାଯାତ୍ର ରେ ପାଣି ଆଣିଥିଲେ । ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ, ହୋମ ଯଜ୍ଞ, ବ୍ରାହ୍ମଣମାନଙ୍କ ବେଦ ପାଠରେ ବିଷ୍ଣୁପୁର ଗ୍ରାମ ପ୍ରକମ୍ପିତ ହୋଇଉଠିଥିଲା । ଶ୍ରୀ ଶ୍ରୀ ଭୁବନେଶ୍ୱର ବାବା ପାତାଳ ଫୁଟା ମହାଦେବ ହୋଇଥିଲେ ମଧ୍ୟ ଏଯାବତ ମନ୍ଦିରଟିଏ ଗଢା ହୋଇପାରି ନ ଥିଲା । ମାତ୍ର ଆଜି ଗ୍ରାମବାସୀଙ୍କ ସହଯୋଗରେ ତାହା ସମ୍ଭବ ହୋଇପାରିଛି । ବହୁ ଆନନ୍ଦ ଉଲ୍ଲାସରେ ମନ୍ଦିରର ପ୍ରତିଷ୍ଠା ହେଉଛି ବୋଲି ବିନୟ ସି, ନବୀନ କୁମାର ପାତ୍ର, ସୁଧିର କୁମାର ଖଣ୍ଡା, ଜୀବନ କୃଷ୍ଣ ଦାସ, ଚନ୍ଦ୍ରମୋହନ ଦାସ, ଭଗିରଥ ଖଣ୍ଡା, ନୀଳକଣ୍ଠ ଜେନା, ସଞ୍ଜୟ ମାହାନା, କାଳିଚରଣ ଜେନା ପ୍ରମୁଖ ଗ୍ରାମବାସୀ କହିଛନ୍ତି । ପୂର୍ଣ୍ଣ ଆହୁତି ପରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

ବାବା ମଣୀ ନାଗେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉପଲେକ୍ଷ ମାର୍ଚ୍ଚ ୨ରେ ବିଶାଳ ରକ୍ତ ଦାନା ଶିବିର

ରାଇବଣିଆ.୨୩/୨(ନି.ପ୍ର) ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ କଳମା ଗ୍ରାମ ପଞ୍ଚାୟତର ନାଗେଶ୍ୱରପୁରଗାଁ ରେ ଆସନ୍ତା ମାର୍ଚ୍ଚ ୨ ତାରିଖ ଦିବା ୧୦ ଘଟିକା ସମୟରେ ଶ୍ରୀ ଶ୍ରୀ ବାବା ମଣୀ ନାଗେଶ୍ୱର ମହାଦେବଙ୍କ ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ମଣୀ ନାଗେଶ୍ୱର ଯୁବ ସମିତିର ସଭ୍ୟ ପ୍ରିୟକାନ୍ତ ଗିରି, ଦେବବ୍ରତ ବେହେରା, ବରୁଣ କୁମାର ଗିରି, ଅସିତ୍ କୁମାର ଗିରି, ଦିଲ୍ଲୀପ କୁମାର ଗିରି, ଅନୀଲ ଗିରି, ସୁନିଲ ଗିରି, ଅମିତ୍ ଗିରି, ଅଶୋକ ପ୍ରଧାନ, ଗୋବିନ୍ଦ ଗିରି, ବୁଦ୍ଧିରାମ ମାରାଣ୍ଡି, ରାଜେନ୍ଦ୍ର ମୁର୍ମୁ, ରାମଚନ୍ଦ୍ର ମୁର୍ମୁ, ପ୍ରମୁଖ ଆୟୋଜନରେ ଏକ ବିଶାଳ ରକ୍ତ ଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି ଏଥିରେ ଏ ଅଞ୍ଚଳର ସମସ୍ତ ଜନ ସାଧାରଣଙ୍କୁ ଆମନ୍ତ୍ରଣ କରାଯାଉଛି କି ଆସନ୍ତୁ ସଭିଏ ମିଶି କାହାକୁ ରକ୍ତ ଅଭାବରୁ ବଞ୍ଚିତ ହେବାକୁ ନ ଦେଇ ସମସ୍ତେ ଏକ ରକ୍ତ ଦାତା ହୋଇ ଅନ୍ୟର ଜୀବନକୁ ହସଖୁସିରେ ଭାରିଦେବା ବୋଲି କହିଥିଲେ ।

୧୨ନଂ ୱାର୍ଡ ପାତ୍ରସାହିରେ ବନ୍ଧୁ ମିଳନ ଉତ୍ସବ

କର୍ପୋରେଟରଙ୍କ ପାଇଁ ଫେରିଲା ପୁରୁଣା ଭାଇଚାରା

ଭୁବନେଶ୍ୱର,୨୩।୦୨(ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡର ପତ୍ରସାହିରେ ବନ୍ଧୁ ମିଳନ ଉତ୍ସବ ଓ ନୂତନ ରାସ୍ତାର ଉଦ୍‌ଘାଟନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଲର୍ପୋରେଟର ଜୟନ୍ତୀ ସାହୁ ଓ ପ୍ରସନ୍ନ କୁମାର ସାହୁ ପ୍ରମୁଖ ଯୋଗଦେଇ ନୂତନ ରାସ୍ତାର ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଚଗଲା ଜେନା, ଗଗନ ପଣ୍ଡା ଯୋଗଦାନ କରିଥିଲେ । ଦୀର୍ଘ ଦିନ ହେବ ପାତ୍ରସାହି କ, ଖ ଓ ଗ ବାସିନ୍ଦା ମାନଙ୍କ ମଧ୍ୟରେ ମନମାଳିନ ଘଟି ଅଲଗା ଅଲଗା ହୋଇଯାଇଥିଲା । ଫଳରେ ସାହିରେ ଉନ୍ନତି ମୂଳକ କାର୍ଯ୍ୟରେ ବାଧାପ୍ରାପ୍ତ ହେଉଥିଲା । କେହି କାହାରି ମଧ୍ୟରେ ପଡୁ ନଥିଲା । କର୍ପୋରେଟର ଶ୍ରୀମତୀ ସାହୁଙ୍କ ଉଦ୍ୟମ କ୍ରମେ ଓ ଯୁବ ସମାଜସେବୀ ପ୍ରସନ୍ନ ସାହୁଙ୍କ ସହେଯାଗରେ ଏବଂ ଉତ୍ତର ବିଧାୟକଙ୍କ ନିର୍ଦ୍ଦେଶରେ ସମସ୍ତ ବସ୍ତି ବାସିନ୍ଦା ଏକତ୍ରିତ ହୋଇ ପୁରୁଣା ବାଇଚାରା ଫେରାଇ ଆଣିବା ସହିତ ଉତ୍ସବ ମନାଇଥିଲେ । ଏହି ଅବସରରେ ସାହିର ପିଲା ମାନଙ୍କ ମଧ୍ୟରେ ନୃତ୍ୟ, ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ସାହିର ଆବାଳବୃଦ୍ଧବନିତା ଏକତ୍ର ଭୋଜନ କରି ପରସ୍ପର ମଧ୍ୟରେ ଖୁସି ବାଣ୍ଟି ଥିଲେ । ସମସ୍ତ କାର୍ଯ୍ୟକ୍ରମକୁ କମିଟିର ସଦସ୍ୟ ମାନେ ପରିଚାଳନା କରିଥିଲେ ।

ବହୁ ଅପରାଧିକ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତ ଯୁବକ ଗିରଫ

ନୀଳଗିରି-,୨୩।୦୨(ନି.ପ୍ର): ଛିନତାଇ, ରାହାଜାନି, ଚୋରି, ମାରଣାସ୍ତ୍ର ଦେଖାଇ ଆକ୍ରମଣ କରିବାଭଳି ବିଭିନ୍ନ ସଂଗୀନ ଅପରାଧିକ ମାମଲାରେ ଜଡିତ ଜଣେ ଅପରାଧୀ ଯୁବକକୁ ଗତ ୨୨ ତାରିଖ ଶନିବାର ରାତିରେ ଘରେ ଆତ୍ମ ଗୋପନ କରିଥିବାବେଳେ ନୀଳଗିରି ପୋଲିସ ଗିରଫ କରିଛି । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଔପଦା ବ୍ଲକ ଭୀମେଇ ଗ୍ରାମର ଗୌରାଙ୍ଗ ମଲ୍ଲିକଙ୍କ ପୁଅ ବାଉଳି ଓରଫ ସୁଶାନ୍ତ ମଲ୍ଲିକ (୨୫)ଭଦ୍ରକ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା । ଏତଦବ୍ୟତୀତ ଛିନତାଇ, ରାହାଜାନି, ଚୋରିକରିବା ଭଳି ଅଭିଯୋଗରେ ଗିରଫ ମଧ୍ୟ ହୋଇଥିଲା । ପରବର୍ତ୍ତୀ ସମୟରେ ସେ ଫେରାର ହୋଇଯାଇଥିଲା । ଭଦ୍ରକ ପୋଲିସ ଆର୍ମସ ଆକ୍ଟ ୩୦୭ରେ ଏକ ମାମଲାରେ ସେ ଫେରାର ଥିବା ବେଳେ ତାଙ୍କ ନାମରେ ୱାରେଣ୍ଟ ପରୱାନା ଜାରି କରାଯାଇଥିଲା । ନୀଳଗିରି ଥାନା ଅଧିକାରୀ ତାଙ୍କୁ ଧରିବାରେ ସଫଳ ହୋଇଛି ।ପୂର୍ବରୁ ସୋରୋ, ବାସୁଦେବପୁର, ନୀଳଗିରି ଥାନା ଅଞ୍ଚଳରେ ଛିନତାଇ, ରାହାଜାନି ଭଳି ସଂଗୀନ ମାମଲା ତାଙ୍କ ନାମରେ ଥିଲା । ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି ।

ମାଣିତ୍ରୀ ପଞ୍ଚାୟତ ଶାଖା ଆଞ୍ଚଳିକ ବ୍ରାହ୍ମଣ ସମିତି ର ପ୍ରଥମ ବାର୍ଷିକ ଉତ୍ସବ

ଖଇରା,୨୩।୦୨(ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧିନ ସାଲୋ ଗ୍ରାମରେ ଆଞ୍ଚଳିକ ବ୍ରାହ୍ମଣ ସମିତି ପଞ୍ଚାୟତ ଶାଖାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ରବିବାର ଦିନ ଦିବସ ବ୍ୟାପି ଆୟୋଜିତ କାର୍ଯ୍ୟକ୍ରମରେ ତପନ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ମୁଖ୍ୟଅତିଥି, ଭଦ୍ରକ ଜିଲା ଉପସଭାପତି ଅମର କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା, ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥି, ବାସୁଦେବ ପଣ୍ଡା, ବିଷ୍ଣୁମୋହନ ବହଳୀ, କୃଷ୍ଣଚନ୍ଦ୍ର ଦାଶ, ନିର୍ମଳକୁମାର ପଣ୍ଡା, କୈଳାସ ଚନ୍ଦ୍ର ଶୁକ୍ଳ,ମାୟାଧର ପାଣିଗ୍ରାହୀ, କୈଳାସ ଚନ୍ଦ୍ର ଶୁକ୍ଳ ଓ ନରହରି ଦାଶ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଜିର ସମାଜରେ ବ୍ରାହ୍ମଣର ସ୍ଥିତି, କର୍ତ୍ତବ୍ୟ, ଆଇନଗତ ଉତପିଡନ ଆଦି ପ୍ରସଙ୍ଗ ଉଠାଇ ଦାବୀ ହାସଲ ପାଇଁ ସମସ୍ତେ ଏକଜୁଟ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ । ଶାଖା କମିଟି ଉପସଭାପତି ବାସୁଦେବ ସାହୁ ମଞ୍ଚ ଆହ୍ୱାନ ଓ ସମ୍ପାଦକ ବଂଶୀଧର ପଣ୍ଡା ବିବରଣୀ ପାଠ କରିଥିଲେ ।

ଆମ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ

ବାସୁଦେବପୁର,୨୩।୦୨(ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଆମ ସାମ୍ବାଦିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ରାଜ୍ୟ ସଭା ସଦସ୍ୟ ତଥା ଲୋକପ୍ରିୟ ଚଳଚ୍ଚିତ୍ର ତାରକା ମୁନା ଖାଁ । ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବିଶିଷ୍ଟ ଗାଳ୍ପିକ ଓ ସାମ୍ବାଦିକ ଅମରେଶ ବିଶ୍ୱାଳ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିବରଣୀ ପାଠ କରିଥିଲେ ବରିଷ୍ଠ ସାମ୍ବାଦିକ ତଥା ସଂଘର ସମ୍ପାଦକ ରମାକାନ୍ତ ଢ଼ାଙ୍ଗୁଆ । ସଂଘର ମୁଖପତ୍ର ସାମ୍ବାଦିକତାର ସ୍ୱର ଏହି ଅବସରରେ ଅତିଥିଙ୍କ ଦ୍ୱାରା ଲୋକାର୍ପଣ ହୋଇ ଥିଲା । ବିଶିଷ୍ଟ ସାହିତ୍ୟିକ ଡକ୍ଟର ସୁରେନ୍ଦ୍ର ପ୍ରସାଦ ମହାନ୍ତି ଙ୍କ ପୁସ୍ତକ ବ୍ରହ୍ମ ସୂତ୍ର କଥା ଏହି ଉତ୍ସବରେ ଉନ୍ମୋଚନ ହୋଇ ଥିଲା । ସକାଳେ ସାମ୍ବାଦିକ ବନ୍ଧୁ ମାନଙ୍କୁ ନେଇ ବନ୍ଧୁ ମିଳନ ଓ କର୍ମଶାଳା ଅନୁଷ୍ଠିତ ହୋଇ ଥିଲା । ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ନାରାୟଣ ପ୍ରସାଦ ବାରିକ୍,ଗାଳ୍ପିକ ଓ ସାମ୍ବାଦିକ ଅମରେଶ ବିଶ୍ୱାଳ ଓ ବାସୁଦେବପୁର ଅଞ୍ଚଳର ଖବର କାଗଜ ବିତରକ ମନୋରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବି ବିକାଶ ଶତପଥୀ ବେଦ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭିନ୍ନ ଛାତ୍ର ଛାତ୍ରୀ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ ଓ ସେମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସମ୍ପାଦକ ରମାକାନ୍ତ ଢ଼ାଙ୍ଗୁଆ ଧନ୍ୟବାଦ ଅର୍ପଣ କରିଥିଲେ । ସାମ୍ବାଦିକ ଅମିୟ ଭୂଷଣ ମହାନ୍ତି, ସାମ୍ବାଦିକ ସ୍ୱାଧୀନ ଆଲୋକ ଢ଼ାଙ୍ଗୁଆ ସହଯୋଗ କରିଥିଲେ ।

ସମୂହ ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ୍ ଉଦଯାପିତ

ଭୁବନେଶ୍ୱର,୨୩।୦୨(ନି.ପ୍ର): ଓଡ଼ିଶାର ବିଭିନ୍ନ ଜିଲ୍ଲାର ପ୍ରାୟ ୨୪ ଜଣ ଉଚ୍ଚାକାଂକ୍ଷି ଚିତ୍ରଶିଳ୍ପୀଙ୍କୁ ନେଇ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ ଐକ୍ୟମ୍ ଆଜି ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଗୌରିଶଙ୍କର ସାହାଣୀ ପାର୍କ ସ୍ଥିତ ଓଡ଼ିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ଐକ୍ୟମ୍‌ର ସଂଯୋଜକ କେଦାର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ, ପଶ୍ଚିମ ଓଡ଼ିଶାର ସୁନାମଧନ୍ୟ ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ବୃନ୍ଦାବନ ମହାରଣା, ଶ୍ରୀଯୁକ୍ତ ଦୁଃଖିଶ୍ୟାମ ସେବକ, ଶ୍ରୀଯୁକ୍ତ ପବିତ୍ର ମୋହେନ ସଥପଥି ଓ ଶ୍ରୀଯୁକ୍ତ ସୁଧାଂଶୁ ନାଏକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ସେମାନେ ୨୪ ଜଣ ଯୁବ ଚିତ୍ରଶିଳ୍ପୀ ମାନଙ୍କ କଳାକୃତିକୁ ପରିଦର୍ଶନ କରି ଭୁରି ପ୍ରଶଂସା କରିଥିଲେ ଏବଂ କଳା କ୍ଷେତ୍ରରେ ଆହୁରି ଆଗକୁ ଯିବେ ସେବାବଦ ରେ ଚିତ୍ରଶିଳ୍ପ ମନକୁ ପରାମର୍ଶ ଦେଇଥିଲେ । ଚାରିଦିନ ଧରି ଚାଲିଥିବା ଏହି ଚିତ୍ରକଳା ପ୍ରଦର୍ଶନୀକୁ ସମ୍ବଲପୁର ତଥା ବିଭିନ୍ନ ଜିଲ୍ଲାରୁ ସର୍ବମୋଟ ୬୩୯ ଜଣ କଳା ପ୍ରେମୀ ପରିଦର୍ଶନକରି ଚିତ୍ର ଓ ଚିତ୍ରକର ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରଦର୍ଶନୀରେ କେଦାର ନାୟକଙ୍କ ସମେତ ହୃଷୀକେଶ ରଣା, ଏମ. ସାଇ ଜନାର୍ଦ୍ଦନ ଆଚାର୍ଯ୍ୟ, ପ୍ରେମ ଚାନ୍ଦ ରାଉତ୍, ପ୍ରଭୁ ଦୟାଲ୍ ତିର୍କି, ପି. ବି. ଗଣେଶ, ଶାନ୍ତନୁ କୁମାର ମେହେର, ବୃନ୍ଦାବନ ବିଶି, ସତ୍ୟନାରାୟଣ ମେହେର, ବୀରେନ୍ଦ୍ର ବି. ସିଂ , ଗଣେଶ ପ୍ରସାଦ ସିଂ, ସମରେନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମେହେର, ପପ୍ପୁ କୁମାର ନାୟକ, ସୁରେଶ କୁମାର ସାହୁ, ଡି. ଶିବା ଆଚାରୀ, ବିକାଶ ଘୋଷ, ଶୁଭମ୍ ସାହୁ, ଅଂଶୁମାନ ପଣ୍ଡା, ରାହୁଲ୍ ମହାକୁଡ, ଲିଙ୍କନ ନାୟକ, ସୁଶାନ୍ତ ମେହେର, ବିଦ୍ୟାପତି ପଧାନ ଏବଂ ସରୋଜ ରଣାଙ୍କ ଚିତ୍ତାକର୍ଷକ ଚିତ୍ରକୃତୀ ସ୍ଥାନ ପାଇଥୀଲା । ଶେଷରେ ଚିତ୍ରଶିଳ୍ପୀ ବିଦ୍ୟାପତି ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରୟାଗରାଜର ତ୍ରିବେଣୀସଙ୍ଗମରେ ବୁଡ ପକାଇଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ

ନୀଳଗିରି,୨୩।୦୨(ନି.ପ୍ର): ପ୍ରୟାଗରାଜର ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ । ଶନିବାର ମହାକୁମ୍ଭରେ ପହଞ୍ଚିବାପରେ ରବିବାର ପୂଜାର୍ଚ୍ଚନା କରିବା ସହ ସଙ୍ଗମରେ ବୁଡ଼ ପକାଇଛନ୍ତି । ମହାକୁମ୍ଭ ସନାତନ ସଭ୍ୟତା, ସଂସ୍କୃତି, ଦର୍ଶନ ଏବଂ ଆମ ଶାଶ୍ୱତ ପରମ୍ପରାର ଜୀବନ୍ତତାର ପ୍ରତୀକ । ମା' ଗଙ୍ଗା, ଯମୁନା ଏବଂ ସରସ୍ୱତୀଙ୍କ ତ୍ରିବେଣୀ ସଙ୍ଗମରେ ବୁଡ ପକେଇବା ଅବସରରେ ମାନ୍ୟବର ସାଂସଦ ଶ୍ରୀ ଷଡଙ୍ଗୀ କହିଛନ୍ତି ଯେ ଦୀର୍ଘ ୧୪୪ ବର୍ଷ ପରେ ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭର ମେଳାରେ ସ୍ନାନ କରିବାର ସୌଭାଗ୍ୟ ପ୍ରାପ୍ତ କଲି । ଏହା ହେଉଛି ଧର୍ମ ଏବଂ ବିଶ୍ୱାସର ସବୁଠାରୁ ମହାନ ପର୍ବ । ଏହି ଭଳି ଦିବ୍ୟ ଅବସରରେ ଏକତାର ମହାପର୍ବ 'ମହାକୁମ୍ଭ'ରେ ଶ୍ରଦ୍ଧାର ସହିତ ସ୍ନାନ କରିବା ଦିବ୍ୟ ଅନୁଭୁତି ସୌଭାଗ୍ୟର ବିଷୟ । ଏହି ଅବସରରେ ମା' ଗଙ୍ଗାଙ୍କ ପାଖରେ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଛନ୍ତି । ଲକ୍ଷ ଲକ୍ଷ ଶ୍ରଦ୍ଧାଳୁମାନଙ୍କ ପାଇଁ ମହାକୁମ୍ଭ ମେଳା ସୁବ୍ୟବସ୍ଥିତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଉତ୍ତରପ୍ରଦେଶ ସରକାରଙ୍କୁ ଶ୍ରୀ ଷଡଙ୍ଗୀ ଧନ୍ୟବାଦ ଦେଇଛନ୍ତି ।



ଘରୋଇ ବିଦ୍ୟାଳୟ 'କୈବଲ୍ୟ'ର ନବମ ବାର୍ଷିକ ଉତ୍ସବ ପାଳିତ

ଆମେ ଗଢ଼ିବୁ ନୂଆ ଏକ ଦୁନିଆଁ : ପ୍ରତିଷ୍ଠାତା

ଉଦଳା,୨୩/୦୨(ନି.ପ୍ର)-ଉଦଳା ସହର ମଧ୍ୟରେ ଗଢ଼ି ଉଠିଥିବା ଘରୋଇ ବିଦ୍ୟାଳୟ 'କୈବଲ୍ୟ' ର ନବମ ବାର୍ଷିକ ଉତ୍ସବ ଆଜି ଫେବୃଆରି ୨୩ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ସପ୍ତାହ ପୁର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ମା' ସୋସିଆଲ ସେବା ଟ୍ରଷ୍ଟର ସଭାପତି ଦିବ୍ୟେନ୍ଦୁ କୁମାର ବେଜଙ୍କ ନେତୃତ୍ୱରେ ଉତ୍ସବର ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିବା ବେଳେ ଶିକ୍ଷକ ସୁବଳ ଚନ୍ଦ୍ର ଶଙ୍ଖୁଆ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିଲେ । ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠାତା ଭାସ୍କର ଚନ୍ଦ୍ର ବେଜ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଉକ୍ତ ବିଦ୍ୟାଳୟ ମାଧ୍ୟମରେ ଆମେ କିପରି ଏକ ନୂଆ ଦୁନିଆଁ ଗଢ଼ିବାର ସ୍ୱପ୍ନ ଦେଖିଛୁ ସମସ୍ତଙ୍କୁ ଅବଗତ କରରାଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହ ଭାରତର ଶିକ୍ଷା, ଦର୍ଶନ ଓ ସାହିତ୍ୟ କିପରି ସମଗ୍ର ବିଶ୍ୱବାସୀଙ୍କୁ ଆକୃଷ୍ଟ କରିଛି ସେ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଦୈନିକ 'ପ୍ରମେୟ' ଖବରକାଗଜର ଜିଲ୍ଲା ପ୍ରତିନିଧି ସଂଜୟ କୁମାର ଟେଧୁରୀ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ବର୍ଣ୍ଣବୋଧ ଶିକ୍ଷାର ଆବଶ୍ୟକତା ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ସହକାରୀ ଜିଲ୍ଲାଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ବିନ୍ଧାଣୀ ଓ ବିଦ୍ୟାଳୟର ଅଧ୍ୟକ୍ଷ ରାକେଶ ପୋଥାଳ, ମୋବାଇଲ କିପରି ଶିକ୍ଷା ବ୍ୟବସ୍ଥାକୁ ଓଲଟ ପାଲଟ କରିପକାଇଛି ସେ ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଶିକ୍ଷୟିତ୍ରୀ ପାର୍ବତୀ ମାର୍ଣ୍ଡି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ବାର୍ଷିକ ବିବରଣୀ ପାଠ ଓ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ। ପରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

କୁକୁଡ଼ା ଦୋକାନରେ ଅଗ୍ନିକାଣ୍ଡ : ଅଳ୍ପକେ ବର୍ତ୍ତିଲେ ପାଖଦୋକାନୀ

ନୀଳଗିରି- ୨୩/୨(ନି.ପ୍ର) ବରହମପୁର ବଜାରର ମଧ୍ୟସ୍ଥଳୀରେ ରବୀନ୍ଦ୍ର ବାରିକଙ୍କ ବାଦଲ ଚିକେନ ସେଣ୍ଟର ନାମକ ଦୋକାନରେ ଆଜି ପ୍ରାୟ ଦିବା ୧୨ ଘଟିକା ସମୟରେ ଗ୍ୟାସ ଲିକ୍